ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.62 Bhubaneswar Friday 15, 2022 ୨୫ତମ ବର୍ଷ ସଂଖ୍ୟା-୬୨ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୧୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ମୁଖ୍ୟ ଶାସନ ସଚିବଙ୍କ ମାଲକାନାଗିରି ଜିଲ୍ଲା ଗସ୍ତ । ସରକାରୀ ପଦାଧିକାରୀମାନଙ୍କ ସହ ବିଭିନ୍ନ ଉନ୍ନତିମୂଳକ ପରିଯୋଜନା କାର୍ଯ୍ୟର ପରିଦର୍ଶନ ଓ ସମୀକ୍ଷା ଅବସରରେ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର

## ବିଜେଡି କବଜାରେ 'ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ': ଚାଲିଛି ସଂଗଠନ କାର୍ଯ୍ୟ

ଭୁବନେଶ୍ୱର, ୧୪।୪(ପି.ଏନ) : ରାଜ୍ୟର ସାଧାରଣ ଲୋକଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଯୋଡି ହୋଇ ସେମାନଙ୍କର ଆପତ୍ତି-ଅଭିଯୋଗ ଶୁଣିବା ନିମନ୍ତେ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ' ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କଠୁ ନ୍ୟାୟ ଓ ହକ୍ ପାଇବା ଆଶାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକମାନେ ଏହି ସ୍ଥାନକୁ ଛୁଟି ଆସିଥା'ନ୍ତି । କିନ୍ତୁ ଏହି କାର୍ଯ୍ୟାଳୟ ଏବେ ବିଜୁ ଜନତା ଦଳର କବଜାରେ । କରୋନା ଆଳରେ ଗତ ୨ବର୍ଷରୁ ଅଧିକ ଦିନ ଧରି ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିଯୋଗ ପ୍ରକୋଷ୍ଠକୁ ବନ୍ଦ କରାଯାଇ ଥିବାବେଳେ ଏହା ଏବେ ବିଜେଡିର ଦଳୀୟ କାର୍ଯ୍ୟାଳୟ ପାଲଟିଛି । ଯଦିଓ ବିଜେଡିକୁ ରାଜଧାନୀର ୬ ନମ୍ବର ଅଂଚଳରେ ଗୋଟିଏ ସରକାରୀ କ୍ୱାର୍ଟର୍ସ ଓ ଅଢ଼େଇ



ଏକର ଜମି ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଛି । ସୂଚନା ଅନୁସାରେ, ଗତ ଦୁଇବର୍ଷରୁ ଅଧିକ ସମୟ ଧରି 'ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ' ନିୟମିତ ଖୋଲା ରହୁଥିଲେ ମଧ୍ୟ ସର୍ବସାଧାରଣଙ୍କୁ ଏଠାରେ ପ୍ରବେଶ ପାଇଁ ଅନୁମତି ନାହିଁ । କରୋନା ମହାମାରୀ ସଂକ୍ରମଣ ଆଶଙ୍କା ଓ କଟକଣା ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୨୦୨୦ ମାର୍ଚ୍ଚ ମାସରୁ ଆନୁଷ୍ଠାନିକ ଭାବେ ବନ୍ଦ କରି ଦିଆଯାଇଛି । ସେବେଠୁ ସାଧାରଣ ଲୋକେ ଅଫଲାଇନରେ ନିଜର ଅଭିଯୋଗକୁ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ କାର୍ଯ୍ୟାଳୟ ନିକଟରେ ପହଂଚାଇବା ସମ୍ଭବପର ହେଉନି । ଆଉ ଏହି ସୁଯୋଗରେ 'ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ'କୁ ବିଜେଡି ନିଜର ସାଂଗଠନିକ କାର୍ଯ୍ୟ ନିମନ୍ତେ ଉପଯୋଗ କରିଛି । ପଂଚାୟତ ଓ ପୌର ନିର୍ବାଚନ ସମୟରେ ପ୍ରାର୍ଥୀ ଚୟନଠୁ ଆରମ୍ଭ କରି ବିଜୟୀ ଦଳୀୟ ପ୍ରତିନିଧିମାନଙ୍କୁ 'ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ'କୁ ଡକାଯାଇ ଦଳ ପକ୍ଷରୁ ଗୁରୁମନ୍ତ୍ର ଦିଆଯାଉଥିଲା । ଏବେବି ରାଜ୍ୟର ବିଭିନ୍ନ ଭାଗରୁ ଆସୁଥିବା ଦଳୀୟ ନେତାମାନଙ୍କୁ 'ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ'ରେ ଦଳର ନେତା (ନବୀନ ପଟ୍ଟନାୟକ ନୁହଁନ୍ତି)ଙ୍କୁ ଭେଟିବାକୁ ନିର୍ଦ୍ଦେଶ ଦିଆଯାଉଛି । ପରିସ୍ଥିତି ଏପରି ହୋଇଛି ଯେ, ଏହି ଅଭିଯୋଗ ପ୍ରକୋଷ୍ଠ ପରିସରରେ ଥିବା ଲନରେ ବିଜେଡିର କିଛି ନେତା ନିୟମିତ ଭାବେ ବସୁଥିବା ଦେଖିବାକୁ ମିଳୁଛି ।

## ଏପ୍ରିଲ ଶେଷ ସୁଦ୍ଧା ବଦଳିବେ କଂଗ୍ରେସ ମୁଖିଆ !

ଭୁବନେଶ୍ୱର, ୧୪।୪(ପି.ଏନ): ପଂଚାୟତ ଓ ପୌର ନିର୍ବାଚନ ପରେ ଓଡ଼ିଶା କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତନ ପ୍ରସଙ୍ଗ ଜୋର ଧରିଛି । ଏହା ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା କଟକ ବାରବାଟି ବିଧାୟକ ମହମ୍ମଦ ମୋକ୍କିମ ଙ୍କ ବଡ଼ ବୟାନ ସାମ୍ନାକୁ ଆସିଛି । ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟରେ ପିସିସି ସଭାପତି ପରିବର୍ତ୍ତନ ହେବ ବୋଲି ସେ କହିଛନ୍ତି । ଏପରି ସ୍ଥିତିରେ ପ୍ରତିକ୍ରିୟା ରଖି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପ୍ରତି ଦୁଇ ତିନି ବର୍ଷରେ ପିସିସି ପରିବର୍ତ୍ତନ ହୋଇଥାଏ । ଏପରି ପରିବର୍ତ୍ତନ ହେବା ମଧ୍ୟ ଆବଶ୍ୟକ । ,ମୁଁ ବହୁତ ଆଗରୁ ଇସ୍ତଫା ଦେଇଛି । ଏହା ଆମ ଦଳର ଆଭ୍ୟନ୍ତରୀଣ ବ୍ୟାପାର । ଇସ୍ତଫା ପତ୍ର ସାର୍ବଜନୀନ କରିବାର ଆବଶ୍ୟକ ନାହିଁ । କଂଗ୍ରେସରେ ବହୁତ ଯୋଗ୍ୟ ଲୋକ ସଭାପତି ପଦ ପାଇଁ ଅଛନ୍ତି । ତେଣୁ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯାଉଛି । ପରବର୍ତି ଦାୟିତ୍ୱ କାହାକୁ ଦିଆଯିବ, ସେ ନିଷ୍ପତି ଏଆଇସିସି ନେବ । ତେବେ ଯେତେ ଶୀଘ୍ର ଏପ୍ରସଙ୍ଗରେ ନିଷ୍ପତି ନିଆଯିବ, ଦଳ ପାଇଁ ସେତେ ଭଲ ହେବ ବୋଲି କହିଛନ୍ତି ନରଞ୍ଜନ ପଟ୍ଟନାୟକ ।

## ମାହାଙ୍ଗା ଗଣହତ୍ୟା, ଶିବକୁ ରିମାଣ୍ଡରେ ନେଲା ପୁଲିସ୍



ସାଲେପୁର, ୧୪।୪(ପି.ଏନ): ମାହାଙ୍ଗା କୁସୁପୁର ଗଣହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଶିବ ସାହୁକୁ ୩ ଦିନିଆ ରିମାଣ୍ଡରେ ନେଲା ମାହାଙ୍ଗା ପୁଲିସ୍ । ଶିବର ମେଡିକାଲ ଟେଷ୍ଟ କରାଇବା ପରେ ଜେରା କରିବ ପୁଲିସ୍ । ଏପରିକି ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିପାରେ ମାହାଙ୍ଗା ପୁଲିସ୍ । ସେପଟେ ବଡ଼ ଭାଇ ପରିବାରର ୫ ଜଣଙ୍କୁ ହତ୍ୟା କରିବା ସ୍ୱୀକାର କରିସାରିଛି ଶିବ । ମଙ୍ଗଳବାର ବିଳମ୍ବିତ ରାତିରେ ମାହାଙ୍ଗା କୁସୁପୁର ଗାଁରେ ଗଣହତ୍ୟାକାଣ୍ଡ ଘଟିଥିଲା । ବଡଭାଇ ଅଲେଖ ସାହୁ, ତାଙ୍କ ପତ୍ନୀ ରଶ୍ମିରେଖା ସାହୁ, ଦୁଇ ପୁଅ ସ୍ମୃତି ସୌରଭ ଓ ସ୍ମୃତି ସାଇ ଏବଂ ୧୯ ବର୍ଷର ଝିଅ ସ୍ମୃତିସନ୍ଧ୍ୟାକୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା । ବଡ ଭାଇର ପୂରା ପରିବାରକୁ ସାନ ଭାଇ ଶିବ ସାହୁ ନିପାତ ଦେଇଥିଲା । ଭାତୃ ବିବାଦରୁ ପାଞ୍ଚ ପାଞ୍ଚଟି ମୁଣ୍ଡ ଗଡିଥିଲା । ତେବେ ଏଠି ପ୍ରଶ୍ନ ଉଠୁଛି, ଏକ ଅଣଓସାରିଆ ଘର ଭିତରେ ଶିବ ସାହୁ କେମିତି ଆକ୍ରମଣ କଲା ଯେ, ଏକାସଙ୍ଗେ ୫ ଜଣଙ୍କ ଜୀବନ ନେଇଗଲା ଆକ୍ରମଣ ପରେ ଖଟ, ଚଟାଣ, କାନ୍ଥ ଚାରିଆଡ଼ ରକ୍ତରଂଜିତ ହୋଇଥିଲା । ହେଲେ ୫ ଜଣଙ୍କୁ ଏକୁଟିଆ ମାରିଥିବା ସତ୍ତ୍ୱେ ତା'ଦେହରେ କେମିତି ରକ୍ତଛିଟା ଲାଗିଲା ନାହିଁ ଏମିତି ଅସମାହିତ ପ୍ରଶ୍ନ ଭିତରେ ପୁଲିସ ଛନ୍ଦି ହୋଇପଡିଥିବା ବେଳେ ମୃତ ଅଲେଖ ସାହୁଙ୍କ ଶାଶୂ ରୀନା ପୃଷ୍ଟି ଗୁରୁବାର ଆଣିଥିଲେ ସାଙ୍ଘାତିକ ଅଭିଯୋଗ । ତାଙ୍କ କହିବା ଅନୁସାରେ, ଏହି ହତ୍ୟାକାଣ୍ଡରେ ଏକାଧିକ ଲୋକଙ୍କ ସଂପୃକ୍ତି ଥାଇପାରେ । ସିବିଆଇ ତଦନ୍ତ କଲେ ହତ୍ୟା ଉପରୁ ପରଦ୍ଦା ହଟିବ ବୋଲି ସେ କହିଛନ୍ତି ।

## ହକି ବିଶ୍ୱକପ୍ ର ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୪(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମଠାରେ ହକି ବିଶ୍ୱକପ୍ ର ଲୋଗୋ-୨୦୨୩କୁ ଉନ୍ମୋଚନ କରିଛନ୍ତି । ୨୦୨୩ ଜାନୁଆରୀ ୧୩ରୁ ୨୯ଯାଏଁ ବିଶ୍ୱକପ୍ ଖେଳାଯିବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଓ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ଷ୍ଟାଡିୟମ୍ ରେ ବିଶ୍ୱକପ୍ ର ମ୍ୟାଚଗୁଡ଼ିକ ଖେଳାଯିବ । ନିର୍ମାଣ ସରିଲେ ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ ହେବ ଭାରତର ବୃହତ ହକି ଷ୍ଟାଡିୟମ । ଓଡିଶାରେ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ୍ ଆୟୋଜିତ ହେଉଛି । ପୂର୍ବରୁ ୨୦୧୮ ମସିହାରେ ଓଡିଶାରେ ବିଶ୍ୱକପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା । ସେଥିରେ ବେଲଜିୟମ ଚାମ୍ପିଅନ ହୋଇଥିଲା ।

## ଟ୍ୱିଟରକୁ କିଣିବାକୁ ଏଲନ ମସ୍କ ଦେଲେ ପ୍ରସ୍ତାବ

ନୂଆଦିଲ୍ଲୀ, ୧୪।୪(ପି.ଏନ): ଟ୍ୱିଟରକୁ ସମ୍ପୂର୍ଣ୍ଣ କିଣିବାକୁ ମନ ବଳାଇଛନ୍ତି ଟେଲସା ସିଇଓ ଏଲନ ମସ୍କ । ଟ୍ୱିଟରର ପ୍ରତି ଶେଆର ପିଚ୍ଛା ୫୪.୨୦ ଡଲାର ହିସାବରେ ମୋଟ ପ୍ରାୟ ୪୩ ମିଲିୟନ ଡଲାର ଦେଇ ସେ ଶତପ୍ରତିଶତ ମାଲିକ ହେବାକୁ ଗୋଡ କାଢ଼ିଛନ୍ତି । ଏଥିନିମନ୍ତେ ସେ ଆମେରିକା ସୁରକ୍ଷା ସଂସ୍ଥା ଓ ଏକ୍ସଚେଞ୍ଜ କମିଶନଙ୍କ ଆଗରେ ପ୍ରସ୍ତାବ ରଖିଛନ୍ତି । ଗୁରୁବାର ଏନେଇ ଖବର ଜଣାପଡିବା ପରେ ଚର୍ଚ୍ଚା ଜୋର ଧରିଛି । ସେ କହିଛନ୍ତି, ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ବିଶ୍ୱାସ କରୁଥିବା ବିଶ୍ୱର ଲକ୍ଷଲକ୍ଷ ଲୋକଙ୍କୁ ସେମାନଙ୍କ ମତ ଉପସ୍ଥାପନ କରିବାରେ ଏହା ଏକ ଉପଯୁକ୍ତ ମାଧ୍ୟମ ଦେଇପାରିଛି । ଏଥିରେ ବ୍ୟାପକ ପରିବର୍ତ୍ତନ ନିମନ୍ତେ ଏହା ଏକ ଘରୋଇ କମ୍ପାନୀ ହେବା ଆବଶ୍ୟକ ହୋଇଛି । ଦୀର୍ଘଦିନ ଭାବିବା ପରେ ସେ ଏହି ପଦକ୍ଷେପ ନେଇଛନ୍ତି । ୩୮ ପ୍ରତିଶତ ପ୍ରିମିୟମ ବିନିଯୋଗ ନିମନ୍ତେ ପୂର୍ବରୁ ସେ ଘୋଷଣା କରିଥିବା ବେଳେ ବାକି ୫୪ ପ୍ରତିଶତ ପ୍ରିମିୟମ



ବିନିଯୋଗ ନିମନ୍ତେ ପାଦ କାଢ଼ିଛନ୍ତି । ଏହା ଚୂଡାନ୍ତ ଓ ସବୁଠାରୁ ଭଲ ପ୍ରସ୍ତାବ । ଏହା ଗ୍ରହଣ କରା ନ ଗଲେ ସେ ଟ୍ୱିଟରର ଭାଗିଦାର ରହିବା ନେଇ ବିଚ୍ାର କରିବେ ବୋଲି ମଧ୍ୟ କହିଛନ୍ତି । ମସ୍କ ଏବେ ଟୁଇଟର ୯.୨ ପ୍ରତିଶତ ଭାଗିଦାର ରହିଛନ୍ତି । ଟ୍ୱିଟରର ବୋର୍ଡ ସଦସ୍ୟ ରହିବାର ମାତ୍ର ଅଳ୍ପ କିଛି ଦିନ ଭିତରେ ସେ ଏହାକୁ ସମ୍ପୂର୍ଣ୍ଣ ଦଖଲ କରିବା ନିମନ୍ତେ ପଦକ୍ଷେପ ନେଇଛନ୍ତି ମସ୍କ । ତେବେ ଏହି ପ୍ରସ୍ତାବ ଗ୍ରହଣ କରାଯାଇପାରିବନି ବୋଲି ଗତ ସପ୍ତାହରେ ବସିଥିବା ବୋର୍ଡ ବୈଠକରେ ମସ୍କଙ୍କୁ ସ୍ୱାଗତ କରି ସିଇଓ ପରାଗ ଅଗ୍ରୱାଲ କହିଥିବା ଜଣାପଡିଛି । ଏଭଳି କରି ଟ୍ୱିଟରର ସେବାକୁ ଆଲୋଚ୍ନାକୁ ଆଣିବା ମସ୍କଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସିଇଓ କହିଛନ୍ତି । ଏହି ବୈଠକରେ ମସ୍କ ଅନୁପସ୍ଥିତ ଥିଲେ । ଏହାକୁ ନେଇ ଘଟଣା ରହସ୍ୟଜନକ ହୋଇଛି ।

## ଆନ୍ଦୋଳନକୁ ଓହ୍ଲାଇବ ମିଳିତ ସାମ୍ବାଦିକ ସଂଘ ମହାମଞ୍ଚ

ଭୁବନେଶ୍ୱର, ୧୪।୪(ପି.ଏନ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନାରେ କର୍ତ୍ତବ୍ୟରତ ସାମ୍ବାଦିକ ଲୋକନାଥ ଦଳେଇଙ୍କ ନାମରେ ମିଥ୍ୟା ମାମଲା ରୁଜୁ ସହିତ ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯାଇ ଥାନାରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଇଛି । ପୋଲି ନିର୍ଯ୍ୟାତନା ଯୋଗ ଅସୁସ୍ଥ ହୋଇପଡ଼ିଥିବା ଲୋକନାଥଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ତଳେ ଶୁଆଇ ଗୋଡ଼ରେ ବେଡ଼ି ପକାଇ ଦିଆଯାଇଥିବା ଘଟଣା ଅତ୍ୟନ୍ତ ବର୍ବୋରଚିତ । ଏହି ପରିପ୍ରେକ୍ଷୀରେ ସମ୍ପୃ ନୀଳଗିରି ଥାନା ଅଧିକାରୀ ଓ ତଦନ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ପୂର୍ବକ ସମଗ୍ର ରାଜ୍ୟରେ ସାମ୍ବାଦିକମାନେ ତୀବ୍ର ପ୍ରତିବାଦ ଜଣାଇଥିଲେ । ଏଥିସହିତ ସାମ୍ବାଦିକ ସଙ୍ଗଠନ ମାନଙ୍କ ପକ୍ଷରୁ ଥାନା ଅଧିକାରୀ ଓ ତଦନ୍ତ ଅଧିକାରୀଙ୍କ ନିଲମ୍ବନ ଦାବିରେ ମୁଖ୍ୟମନ୍ତ୍ରୀ ଓ ପୋଲି ମହାନିର୍ଦ୍ଦେଶକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଡିଜିଙ୍କ ସହିତ ଆଲୋଚନା କାଳରେ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୁଦ୍ଧରେ ବଦଳି ବ୍ୟତିରେକେ କୌଣସି କାର୍ଯ୍ୟାନୁଷ୍ଠା ଗ୍ରହଣ କରାଯାଇ ନାହିଁ । ଏହି ପରିପ୍ରେକ୍ଷରେ ମିଳିତ ସାମ୍ବାଦିକ ସଂଘ ମହାମଞ୍ଚ ପକ୍ଷରୁ ରାଜ୍ୟର ୯ ଗୋଟି ସାମ୍ବାଦିକ ସଂଘ ଏକ ବୈଠକରେ ସମ୍ମିଳିତ ହୋଇ ଘଟଣାର କ୍ଷୋଭ ପ୍ରକାଶ କରିଛନ୍ତି । ଆଲୋଚନା କାଳରେ ନିଷ୍ପତ୍ତି ନିଆଯାଇଥିଲା କି ସମ୍ପୃକ୍ତ ଅଧିକାରୀଦ୍ୱୟଙ୍କୁ ଆଗାମୀ ୭ ଦିନ ମଧ୍ୟରେ ନିଲମ୍ବନ, ଲୋକନାଥଙ୍କ ବିରୁଦ୍ଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ଓ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରାଯାଇଛି ।

## ଢେଙ୍କାନାଳ ଓ ଅନୁଗୋଳ ଗସ୍ତର ଦ୍ୱିତୀୟ ଦିନରେ କେନ୍ଦ୍ରମନ୍ତ୍ରୀ

ଢେଙ୍କାନାଳ/ଅନୁଗୋଳ/ଭୁବନେଶ୍ୱର, ୧୪।୪(ପି.ଏନ): ଓଡିଶାରେ ଓବିସି ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଅଧିକ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରଦାନ କରି ରାଜ୍ୟ ସରକାର ସେମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ପ୍ରଦାନ କରନ୍ତୁ ବୋଲି ଗୁରୁବାର ଢେଙ୍କାନାଳ ଓ ଅନୁଗୋଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତିନିଦିନିଆ ଢେଙ୍କାନାଳ ଓ ଅନୁଗୋଳ ଗସ୍ତର ଦ୍ୱିତୀୟ ଦିନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଭାରତୀୟ ସମ୍ବିଧାନର ନିର୍ମାତା ଓ ସାମାଜିକ ନ୍ୟାୟର ପ୍ରଣେତା ଭାରତରନ୍ ବାବାସାହେବ ଡକ୍ଟର ବି.ଆର୍ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କନ୍ଦରସିଂହା ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିକ୍ଷିତ, ସଶକ୍ତ ଏବଂ ନ୍ୟାୟସଙ୍ଗତ ସମାଜ ନିର୍ମାଣ ପାଇଁ ବାବାସାହେବ ଆମ୍ବେଦକରଙ୍କ ବିଚାର ଏବଂ ପ୍ରଚେଷ୍ଟା ପିଢ଼ି ପିଢ଼ି ଧରି ସମସ୍ତଙ୍କୁ ପ୍ରେରିତ କରିବ । ଦେଶର ପ୍ରଗତିରେ ତାଙ୍କର ଯୋଗଦାନ ମୂଲ୍ୟବାନ । ଭାରତୀୟ ସମ୍ବିଧାନର ପ୍ରଣେତା ଭାରତରନ୍ ବାବା ସାହେବ ଡକ୍ଟର ବି ଆର୍ ଆମ୍ବେଦକରଙ୍କ ସଂକଳ୍ପକୁ ପୂରଣ କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି ଯେ ମୋଦି ସରକାର ପଛୁଆ, ଆର୍ଥିକ ଅନଗ୍ରସର, ଜନଜାତି, ଦଳିତ ଓ ବଂଚିତ ବର୍ଗର ଲୋକଙ୍କୁ ଶିକ୍ଷା, ଚାକିରି ଓ ଅନେକ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ପ୍ରଦାନ କରୁଛନ୍ତି । ଏ ଦିଗରେ ରାଜ୍ୟ ସରକାର ମଧ୍ୟ ଓବିସି ବର୍ଗଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଅଧିକ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରଦାନ କରନ୍ତୁ । ଶ୍ରୀ ପ୍ରଧାନ ପରଜଙ୍ଗ ପଂଚାୟତ ଜହ୍ନାପଡ଼ା ଗ୍ରାମର ଦଳିତ ପରିବାର ଶରତ ନାଏକଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଛନ୍ତି । ଏ ନେଇ ସେ ଟ୍ୱିଟ୍ କରିଛନ୍ତି ଯେ ସମାଜରେ ସାମାଜିକ ଦୃଷ୍ଟିରୁ ପଛୁଆ, ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଓ ବଂଚିତ ବର୍ଗର ଲୋକଙ୍କୁ ବିକାଶର ମୁଖ୍ୟସ୍ରୋତରେ ଯୋଡ଼ିବା ହେଉଛି ଡ଼. ବି.ଆର ଆମ୍ବେଦକର ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ମନ୍ତ୍ର ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗରିବ କଲ୍ୟାଣର ସଂକଳ୍ପ । ଆମ ଦଳର କାର୍ଯ୍ୟକର୍ତ୍ତା ଶରତ ଭାଇଙ୍କ ପରିବାର ସହ ମୁଁ ମିଶିଲି, କଥା ହେଲି । ମୋତେ ଶ୍ରଦ୍ଧା, ସ୍ନେହ ଓ ଆପଣାର ସହ ସେ ଖାଇବାକୁ ଦେଲେ । ତାଙ୍କର ଅମାୟିକ ବ୍ୟବହାର ଦେଖି ମୋତେ ଖୁସି ଲାଗିଲା । ଅପରପକ୍ଷରେ ଅନୁଗୋଳ ଗାନ୍ଧିନଗର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ -୧କୁ ଗସ୍ତ କରି ସ୍କୁଲ ପରିସର, ଶ୍ରେଣୀଗୃହ, ପାଠାଘର ଦେଖିବା ସହ ସେଠାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ କଥା ହୋଇଥିଲେ । ଏ ନେଇ ଗଣମାଧ୍ୟମ ପ୍ରଶ୍ନର ଉତରରେ ଶ୍ରୀ ପ୍ରଧାନ କହିଛନ୍ତି ଓଡିଶାରେ ନୂଆ ୧୦ଟି ମେଡିକାଲ କଲେଜ ନିର୍ମାଣ ପାଇଁ ମୋଦି ସରକାର ଅନୁମତି ଦେଇଛନ୍ତି । ଏ ଦିଗରେ ତାଳଚେରରେ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ ଏମସିଏଲ୍ ୧୦୦୦ କୋଟି ଟଙ୍କା ବ୍ୟୟରେ ଏଠାରେ ମେଡିକାଲ କଲେଜ ପାଇଁ ଭିତିଭୂମି ନିର୍ମାଣ କରିସାରିଛି । ଏହାକୁ ରାଜ୍ୟ ସରକାର ପରିଚାଳନା କରିବାର ଦାୟତ୍ୱ ତୁରନ୍ତ ନେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ସେହିପରି ପରଜଙ୍ଗ ବ୍ଲକ ଦାନିତୋଟା ଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମ୍ବର୍ଦ୍ଧନା ସଭାରେ ନବ ନିର୍ବାଚିତ ପରଜଙ୍ଗ ବ୍ଲକର ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିବା ସହ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ପ୍ରଧାନ ଏହି ଗସ୍ତରେ କେନ୍ଦ୍ରମନ୍ତ୍ରୀ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଠାରେ ଗଡ଼ଜାତ ଆନ୍ଦୋଳନ ସମୟରେ ଜହ୍ନାପଡ଼ା ଗୁଳିକାଣ୍ଡରେ ଶହୀଦ ହୋଇଥିବା ବୀର, ବେନୁଙ୍କ ସ୍ମୃତି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ମହାନ ସ୍ୱାଧୀନତା ସଂଗ୍ରାମୀ ମହେନ୍ଦ୍ର ସୁବାହୁ ସିଂହଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

## କିଟ୍ ଓ କିସ୍‌ରେ ଓଡ଼ିଆ ନବବର୍ଷ ପାଳିତ

ଭୁବନେଶ୍ୱର, ୧୪।୪(ପି.ଏନ): କିଟ୍ ଓ କିସ୍ ପକ୍ଷରୁ ଓଡ଼ିଆ ନବବର୍ଷ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କିଟ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଆ ନବବର୍ଷ ସହ ପଶ୍ଚିବବଙ୍ଗ, ଆସାମ, ପଞ୍ଜାବ ଆଦି ରାଜ୍ୟର ନବବର୍ଷ ପାଳନ ହୋଇଥିବା ବେଳେ ଶ୍ରୀଲଙ୍କା, ନେପାଳ ଓ ବାଂଲାଦେଶର ନବବର୍ଷ ମଧ୍ୟ ପାଳିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ କିଟ୍‌ରେ ପଢୁଥିବା ଉପରୋକ୍ତ ରାଜ୍ୟ ଓ ଦେଶରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ସେମାନଙ୍କ ଦେଶ ଓ ରାଜ୍ୟର ସାଂସ୍କୃତିକ ଓ ପରମ୍ପରା ଭିତ୍ତିକ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋହାଟୀ ଉଚ୍ଚନ୍ୟାୟାଳର ବିଚାରପତି ଜଷ୍ଟିସ୍ ସୌମେତ୍ର ସାଇକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଶରଣଜିତ ସିଂହ, କିମ୍ସ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।





କିଟ୍ କୁଳପତି ଡକ୍ଟର ସସ୍ମିତା ସାମନ୍ତ, ଲୋକ ସମ୍ପର୍କ ନିର୍ଦ୍ଦେଶିକା ଡକ୍ଟର ଶ୍ରଦ୍ଧାଞ୍ଜଳି ନାୟକଙ୍କୁ ଲଣ୍ଡନଠାରେ ଓଡ଼ିଶା ସୋସାଇଟି ଅଫ୍ ୟୁକେ ପଦାଧିକାରୀମାନେ ସମ୍ବର୍ଦ୍ଧିତ କରୁଛନ୍ତି (ଫଟୋ-ଶିବ ରଞ୍ଜନ ବିଶ୍ୱାଳ)








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ। ଏହି ଉଦେ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ୱା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବନ୍ଧୁଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଲ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଏପ୍ରିଲ ୧୫

# ସୂର୍ଯ୍ୟପ୍ରଣାମ



ଆସନ୍ତୁ, ପ୍ରାଣ ସ୍ୱରୂପ, ଦୁଃଖ ନାଶକ, ସୁଖ ସ୍ୱରୂପ, ଶ୍ରେଷ୍ଠ ତେଜସ୍ୱୀ ପାପନାଶକ ଦେବ ସ୍ୱରୂପ ପରମାତ୍ମାଙ୍କୁ ଆମେ ଅନ୍ତରାତ୍ମାରେ ଧାରଣ କରିବା। ସେ ଆମକୁ ସତ୍‌ମାର୍ଗରେ ପରିଚାଳିତ କରାଇବେ। ଋଗ୍‌ବେଦ (୮.୫୬.୫) ମତେ ଅଗ୍ନି ଓ ସୂର୍ଯ୍ୟ ଯୁଗଳ ଦେବତା ଅଟନ୍ତି। ଅଗ୍ନି ପୃଥିବୀ ଏବଂ ସୂର୍ଯ୍ୟ ଦ୍ୟୁଲୋକର ଅଧିକାରୀ; ଉଭୟ ଜ୍ୟୋତି ବା ପ୍ରଭାବଦ୍ୱାରା ପ୍ରକାଶିତ : 'ଜ୍ୟୋତିଃ ସୂର୍ଯ୍ୟଃ ସୂର୍ଯ୍ୟୋ ଜ୍ୟୋତିଃ' ସ୍ୱାହା (ଯଜୁ:୩୯)। ପୁନଶ୍ଚ ଉଭୟେ ଯୁଗଳ ଦେବତା ହେଲେ ହେଁ ସୂର୍ଯ୍ୟର ଅଗ୍ନି ସୃଷ୍ଟି; 'ସୂର୍ଯ୍ୟୋଽରୋର୍ଯ୍ୟୋ ନିରାୟତନମ (ତ୍ରୈ.ବ୍ରା.:୩.୯.୨୧.୨) ପ୍ରକାରାନ୍ତରେ ଅଗ୍ନିପୂଜା ସୂର୍ଯ୍ୟପୂଜା ସହିତ ସଂପର୍କିତ। ଏଥିପାଇଁ ସଂଧ୍ୟା ଓ ସକାଳେ ଉଭୟଙ୍କୁ ଆମେ ପ୍ରଣାମ



କରିଥାଉ। 'ତସ୍ମାଦରୟେ ସାୟଂହୂୟତ, ସୂର୍ଯ୍ୟାୟି ପ୍ରାତଃ (ତେ.ବ୍ରା. ୧.୧.୨୬)'। ସେମାନେ ଆମ ଚକ୍ଷୁ ସଦୃଶ 'ସୂର୍ଯ୍ୟୋଗ୍ନି ଚକ୍ଷୁଭ୍ୟାମ୍ (ତେ.ବା.:୫.୩.୧୨)' ସୂର୍ଯ୍ୟଙ୍କୁ ସମସ୍ତଙ୍କର ଆତ୍ମାବୋଲି କୁହାଯାଇଛି। 'ସୂର୍ଯ୍ୟାତ୍ମା ଜଗତସ୍ତସୁପଶ୍ଚ (ଋ.୧.୧୧୪.୧)'। ସେ ଆମର ସମସ୍ତ କର୍ମକୁ ନିରୀକ୍ଷଣ କରନ୍ତି : 'ସ୍ୱରାୟ ବିଶ୍ୱ ଚକ୍ଷସେ (ଋ.୧.୫୦.୨)'। ପୁନଶ୍ଚ ବାଳସୂର୍ଯ୍ୟ (ପୂର୍ବ ସୂର୍ଯ୍ୟୋଦୟ)ଙ୍କୁ ସବିତା କୁହାଯାଏ : 'ଉଦୟାତ ପୂର୍ବ ଭାର୍ବୀ ସବିତା (ଋ ୫.୮୧.୪)। ସେ ସକଳ ଦେବତାର ଜନକ, ରାଷ୍ଟ୍ରାଧକ୍ଷ : ସବିତାରାଷ୍ଟଂ ରାଷ୍ଟ୍ରପତିଃ (ଶତବ୍ରା ୧୧.୪.୩.୧) ଏବଂ ଭୁବନର ଆଶ୍ରୟ ଦାତା ଅଟନ୍ତି। ଗାୟତ୍ରୀ ତଥା ପଦ୍ମପୁରାଣମତେ ସଂକ୍ରାନ୍ତି ଓ ଶୁକ୍ଳ ସଂକ୍ରାନ୍ତି ଯୁକ୍ତ ରବିବାରେ ସୂର୍ଯ୍ୟଗାୟତ୍ରୀ : 'ଆଦିତ୍ୟାୟ ବିଦମହେ ଭାସ୍କରାୟଧିମହି ତନ୍ନୋଭାନୁଃ ପ୍ରଚୋଦୟାତ' ଜପ କଲେ ସୂର୍ଯ୍ୟାଲୋକ ପ୍ରାପ୍ତହୁଏ ବୋଲି ବର୍ଣ୍ଣିତ ଅଛି। ଚକ୍ଷୋପନିଷଦରେ ସୂର୍ଯ୍ୟଙ୍କୁ ଚକ୍ଷୁରୋଗ ନିବାରକ ଏବଂ ଅନ୍ଧତ୍ୱ ନାଶକ ବୋଲି ବର୍ଣ୍ଣିତ କରାଯାଇଛି। ଏଥିରେ ତାଙ୍କୁ 'ଅସଦୋ ମା' ସଦ୍‌ଗମୟ, ତମସୋ ମା'' ଜ୍ୟୋତିର୍ଗମୟ, ମୃତ୍ୟୋମା, 'ଅସ୍ତ୍ୱଣେଗମୟ' ପାଇଁ ମଧ୍ୟ ନିବେଦନ କରାଯାଇଛି। 'ଓଁ ହ୍ରାଂ ହ୍ରୀଂ ହ୍ରୌଂସଃ ସୂର୍ଯ୍ୟାୟ ନମଃ' ସର୍ବସିଦ୍ଧି ଲାଗି ସୂର୍ଯ୍ୟଙ୍କୁ ଭଜିବା ବୀଜମନ୍ତ୍ର। ଏହା ଭଜିବା ଦ୍ୱାରା ସୂର୍ଯ୍ୟାଲୋକ ପ୍ରାପ୍ତି ହୁଏ। ସୂର୍ଯ୍ୟାଲୋକ ପ୍ରାପ୍ତିରେ ପରଂବ୍ରହ୍ମ ପ୍ରାପ୍ତି ହୁଏ। ଓଁକାର ହିଁ ସୂର୍ଯ୍ୟ। ଓଁ କା'ର ହିଁ ନାଦବ୍ରହ୍ମ। ଏହି ନାଦ ସଦାସର୍ବଦା ରାବ କରୁଥିବାରୁ, ସୂର୍ଯ୍ୟଙ୍କ 'ରାବ'ରୁ ରବି କୁହନ୍ତି। ସୂର୍ଯ୍ୟହିଁ ବେଦମାନଙ୍କର ସମଷ୍ଟିକୃତ। ପୂର୍ବାହ୍ନରେ ଋକ୍ ମଧ୍ୟାହ୍ନରେ ଯଜୁଃ ଓ ଅପରାହ୍ନରେ ସାମ୍‌ବେଦ ସିଏ। ଏହି ତିନିବେଦ ଭୂଲୋକ ଅନ୍ତରୀକ୍ଷ ଲୋକ ଓ ସ୍ୱର୍ଗଲୋକ ପ୍ରାପ୍ତିର ପଥ। ପୁନଶ୍ଚ ସୂର୍ଯ୍ୟ ହିଁ ପ୍ରାଣ। ଆଦିତ୍ୟୋହ ବୈପ୍ରାଣଃ (ପ୍ର.ଉ)। ତାଙ୍କଠାରୁ ଏହି ପ୍ରାଣ ପାଇ ପ୍ରାଣୀ ବା ଜୀବଜଗତ। ତାଙ୍କ ବିନା ଜୀବଜଗତ ଅସମ୍ଭବ। ଏହାବି ବିଜ୍ଞାନ ସମ୍ମତ। ସେ ସକଳ ଶକ୍ତିର ଆଧାର କାରଣ, କହିଛେ ସେ ଅଗ୍ନି। ଆମ ଶରୀରରେ ବ୍ରଂରାଗ୍ନି: ବୈଶାନରଃ ଅଗ୍ନି'। ସେ ଆମ ତାପ, ଆମ ଉଷ୍ଣତା। ତାପ ବା ଉଷ୍ଣତାହୀନ ପିଣ୍ଡ : ଶୀତଳ, ଜଡ଼ ବା ମୃତ। ଅର୍ଥାତ୍ ସୂର୍ଯ୍ୟହିଁ ଆଦ୍ୟ, ଆରମ୍ଭ ଓ ଶେଷ। ବେଦ, ବେଦାନ୍ତ, ବ୍ରାହ୍ମଣ, ସଂହିତା ଉପନିଷଦ ଏବଂ ପୁରାଣ ଇତ୍ୟାଦିରେ ସୂର୍ଯ୍ୟଙ୍କର ଜନ୍ମ ବୃତ୍ତାନ୍ତ, କରୁଣା ଏବଂ କରିସ୍ମା ନେଇ ବହୁ କଥା ଲେଖାଯାଇଛି। ପ୍ରବନ୍ଧରେ କଳେବର ଦୃଷ୍ଟିରୁ ସେସବୁ ଆଲୋଚନା କରିବା ନିମନ୍ତେ ଏଠାରେ ପ୍ରାସଙ୍ଗିକତା ମନେ କରୁନାହୁଁ। ସଂକ୍ଷେପରେ ସୂର୍ଯ୍ୟହିଁ ଜୀବନ, ସେହିଁ ଗତି, ସେହିଁ ଇତି, ସେହିଁ ନମସ୍ୟ।

*ଯଦଦ୍ୟ ସୂର୍ଯ୍ୟ ବ୍ରବୋଽନାଗା। ଉଦ୍ୟନ୍ମତ୍ରାୟ କରୁଣାୟ ସତ୍ୟମ।*
*ବୟଂ ଦେବତ୍ରାଦିତେ ସ୍ୟାମତବ। ପ୍ରିୟାଂସା ଅର୍ଯ୍ୟମନ୍ ଗୁଣନ୍ତଃ।*
*(ଋ.ସଂ.୩.୭.୧.୬୦)*

ହେ ସୂର୍ଯ୍ୟଦେବ! ଆଜି ଉଦୟ ହେବା ସଂଗେ ସଂଗେ ଆପଣ ଆମକୁ ନିଷ୍ପାପ କରି ଦିଅନ୍ତୁ। ହେ ଅଦିତେ, ଆମେ ମିତ୍ରବରୁଣା ଦେବଙ୍କର ପ୍ରିୟପାତ୍ର ହେଉ। ହେ ଆଦ୍ୟମିନ୍ (ଦାତା)! ଆମେ ଆପଣଙ୍କର କୃପାର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମାନ୍! ଆପଣଙ୍କର କୃପାଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସେହି ସୂର୍ଯ୍ୟଙ୍କୁ ଉପଲବ୍ଧ କରିବା, ସେ ଆଲୋକ ପ୍ରଦାନକାରୀଙ୍କୁ ଧ୍ୟାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନାଲୋକରେ ଭାସ୍କର କରନ୍ତୁ। ***ଭାସ୍କରାୟ ବିଦ୍‌ମହେ ମହଦ୍ୟୁତିକରାୟ ଧୀମହି, ତନ୍ନୋ ଆଦିତ୍ୟଃ ପ୍ରଚୋଦୟାତ୍। (ଗାୟତ୍ରୀ)***

ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କର ଅବାସ୍ତବ ଉତ୍ତରାୟଣ ଗତି ଆରମ୍ଭ ହୁଏ। ରାଶିଚକ୍ରରେ ଏହାହିଁ ପ୍ରଥମ ଦିନ। ଏହା ମଧ୍ୟ ମେଷରାଶିର ପ୍ରଥମ ଦିବସ। ଭାରତୀୟ ପ୍ରାମାଣିକ ସମୟର ସମୟ ନିର୍ଘଣ୍ଟ ମେଷ ସଂକ୍ରାନ୍ତି ରୂପେ ବିଦିତ। ଏହିଦିନ ସର୍ବ ନିୟନ୍ତା ସର୍ବ ପ୍ରାଣ ଏବଂ ସର୍ବକର୍ତ୍ତା ମହିମମୟ ସୂର୍ଯ୍ୟଙ୍କର ସ୍ୱାଗତିକା ଗାନ କରାଯାଏ। ତାଙ୍କ ସ୍ୱାଗତିକା ପାଇଁ କି ମଠ! କି ମନ୍ଦିର! କି ହିନ୍ଦୁଗୃହ ଚଳ ଚଞ୍ଚଳ ହୋଇଉଠେ। ନୂତନ ପୋଷାକ ପରିଧାନ ପୂର୍ବକ ଆମେ ତାଙ୍କୁ ସ୍ୱାଗତ କରୁ।

ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତିକୁ ବୁଝାଏ। ଏଣୁ ଶ୍ରୀ ମନ୍ଦିରରୁ ହିଁ ସବୁ ଆରମ୍ଭ। ପ୍ରତ୍ୟୁଷରୁ ପାରମ୍ପରିକ ରୀତିରେ ପଣା ପ୍ରସ୍ତୁତ ହୁଏ। ଗ୍ରୀଷ୍ମର ଆଦ୍ୟ ହେତୁ ପଣାରେ ଥଣ୍ଡା ଏବଂ ସ୍ୱାସ୍ଥ୍ୟକର ଦ୍ରବ୍ୟ ବ୍ୟବହାର କରାଯାଏ। ବିଶେଷକରି କଞ୍ଚା ଆମ୍ବ, ପାଚିଲା ଆମ୍ବରସ, ପାଚିଲା ବେଲ, ନଡ଼ିଆ, ଛେନା, କ୍ଷୀର, ଦହି, ନବାତ, ଗୁଡ଼, ଆଖୁରସ, ଗୋଲମରିଚ, କାଜୁ, କିସ୍‌ମିସ୍, ସାକରକନ୍ଦ ଏବଂ ଅନେକ କିଛି। ଏହିଦିନ ସାଂଗସାଥୀ ଏବଂ ବନ୍ଧୁବାନ୍ଧବମାନଙ୍କୁ ଘରକୁ ସ୍ୱାଗତ କରି ପଣାରେ ଆପ୍ୟାୟିତ କରାଯାଏ। ଏହା ଏକ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ସାମାଜିକ ପର୍ବ। ସଂଧ୍ୟାକୁ ବିଭିନ୍ନ ସ୍ଥାନରେ ସାହିତ୍ୟ ଚର୍ଚ୍ଚା, କବିତା ପାଠୋତ୍ସବ, ସଂଗୀତ ଆସର ଏବଂ ନୃତ୍ୟଗୀତ ଇତ୍ୟାଦିର ଆୟୋଜନ ହୋଇଥାଏ। ଓଡ଼ିଆ ନବବର୍ଷ ଏହି ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୁଏ। ଏହି ଦିନଠାରୁ ବାର୍ଷିକ ପାଞ୍ଜିର ଆରମ୍ଭ। ଗାଁ ଗହଳିରେ ପାଞ୍ଜି ପାଠ ହୁଏ। ସୂର୍ଯ୍ୟ ଓ ଅଗ୍ନିଙ୍କ ସଂପର୍କ ଏକାକାର ହେତୁ ଝାମୁଯାତ୍ରାରେ ନିଆଁରେ ଚାଲିବା ଓ ଦଣ୍ଡନୃତ୍ୟ ଇତ୍ୟାଦି ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟଙ୍କୁ ସମର୍ପିତ ପର୍ବ। ଏହା ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ଆନନ୍ଦ ଉଲ୍ଲାସର ନିଦର୍ଶନ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ. ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ତୈଳ ରାଜନୀତିର ସଙ୍କଟ

## ସୌମେନ୍ଦ୍ର ଜେନା



ଗତ କିଛିଦିନ ଧରି ପୃଥିବୀରେ ତୈଳ ଦର ବୃଦ୍ଧି ପାଉଛି ସିନା କମ୍ ହେବାର ଜଣାପଡୁନାହିଁ। କେତେକ ଏହାକୁ ୟୁକ୍ରେନ-ରୁଷିଆ ଯୁଦ୍ଧର ପରିଣାମ କହୁଥିଲେ ମଧ୍ୟ ପ୍ରକୃତରେ ଏହା ତୈଳ ରାଜନୀତିର କୁପରିଣାମ କହିଲେ ଠିକ୍ ହେବ। କାରଣ ପୃଥିବୀରେ ତୈଳ ଉତ୍ପାଦନ କରୁଥିବା ରାଷ୍ଟ୍ରଗୁଡିକର ସଂଖ୍ୟା ସୀମିତ ଥିବା ସମୟରେ ତୈଳ ବ୍ୟବହାରକାରୀ ରାଷ୍ଟ୍ର ପ୍ରାୟ ୨୦୦ ରହିଛନ୍ତି। ରାଜନୈତିକ ମତଭେଦ, ଆଧିପତ୍ୟ ଲାଗି ଉଦ୍ୟମ ସହ ଯୁଦ୍ଧର ପରିସ୍ଥିତିରେ ଏବେ ତୈଳକୁ ସମସ୍ତେ ବ୍ରହ୍ମାସ୍ତ୍ର ପରି ମନେକରୁଛନ୍ତି। ତୈଳର ଉତ୍ପାଦନ, ଯୋଗାଣ, କ୍ରୟ-ବିକ୍ରୟକୁ ନିୟନ୍ତ୍ରଣ କରିପାରିଲେ ଆର୍ଥିକ କଟକଣାକୁ ମଜଭୁତ କରାଯାଇପାରିବ ବୋଲି ଆମେରିକା କହୁଛି। କିନ୍ତୁ କୋରୋନା ସମୟରେ ଉତ୍ପାଦନଜନିତ କ୍ଷତି ସହିଥିବା ଆରବ ଜଗତର ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସାଉଦି ଆରବ, ଇରାକ, କୁଏତ ପରି ଦେଶ ଉତ୍ପାଦନକୁ ହ୍ରାସ କରି ତୈଳଦର ବୃଦ୍ଧି ମାଧ୍ୟମରେ ବିଗତ ଦିନର କ୍ଷତିକୁ ଭରଣା କରିବାରେ ଲାଗିଛନ୍ତି। ଯେଉଁଥିପାଇଁ ଶ୍ରୀଲଙ୍କାଠାରୁ ପେରୁ ପର୍ଯ୍ୟନ୍ତ ଲୋକେ ଜାଳେଣି ପାଇଁ ସଙ୍କଟରେ ପଡିଥିବା ସମୟରେ ଆମେରିକା ପରି ରାଷ୍ଟ୍ର କାହାଠୁ ତୈଳ କିଣାଯିବା ଦରକାର ସେ ନେଇ ନିର୍ଦ୍ଦେଶାବଳୀ ଜାରି କରିବାରେ ଲାଗିପଡିଛି। କଥା ହେଲା ଯେ ପୃଥିବୀରେ କୋରୋନା ଦୁର୍ବଳ ହୋଇଆସୁଥିବା ସମୟରେ ବନ୍ଦଥିବା ଶିଳ୍ପ ଓ ବାଣିଜ୍ୟକୁ ଦ୍ରୁତତର କରିବାକୁ ସବୁଦେଶ ଚାହୁଁଛନ୍ତି। କିନ୍ତୁ ବଜାରରେ ତୈଳର କମ୍ ଯୋଗାଣ, ଅଧିକ ମୂଲ୍ୟରେ ଯୋଗାଣ ହିଁ ପରିବହନ ଖର୍ଚ୍ଚକୁ ଖୁବ୍ ଅଧିକ ବଢାଇ ଦେଇଛି। ଯେଉଁ କାରଣରୁ ଅନେକ ସ୍ଥାନରେ ବିଦ୍ୟୁତ ଉତ୍ପାଦନ ବ୍ୟାହତ ହୋଇଛି ଓ କଳକାରଖାନା ପୂରା ସମୟ ଚାଲିବା ସମ୍ଭବପର ହୋଇପାରୁନାହିଁ। ରୁଷିଆର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିବା ଉଦ୍ଦେଶ୍ୟରେ ଆମେରିକା ଦୀର୍ଘଦିନ ହେଲା ରୁଷିଆ ବିରୋଧରେ ଆର୍ଥିକ କଟକଣା ଲଗାଇ ଆସିଛି। କିନ୍ତୁ ଇଉରୋପ, ମଧ୍ୟଏସିଆ, ଚୀନ, ଆଫ୍ରିକା, ଦକ୍ଷିଣ ଆମେରିକାର ରାଷ୍ଟ୍ରକୁ ରୁଷିଆର ତୈଳ ଓ ଗ୍ୟାସ ଯୋଗାଣ ହେଉଥିବା ଯୋଗୁ ରୁଷିଆ ପାଇଁ ଆମେରିକାର କଟକଣା ବହୁତ କିଛି ଅସୁବିଧା ସୃଷ୍ଟି କରିପାରିନାହିଁ। କିନ୍ତୁ ନିକଟରେ ୟୁକ୍ରେନ-ରୁଷିଆର ଯୁଦ୍ଧକୁ ଆଳକରି ନାଟୋ ସଦସ୍ୟଥିବା ଇଉରୋପର ରାଷ୍ଟ୍ର ଏବଂ ଭାରତ ପରି ସାମରିକ ଗୋଷ୍ଠୀରୁ ମୁକ୍ତଥିବା ରାଷ୍ଟ୍ରକୁ ଆମେରିକା ସରକାର ରୁଷିଆଠାରୁ କୌଣସି ପ୍ରକାର ତୈଳ କିମ୍ବା ଗ୍ୟାସ କ୍ରୟରୁ ଦୂରେଇ ରହିବା ପାଇଁ ଧମକ ଦେବାରେ ଲାଗିପଡିଛି। ଏପରିକି ବ୍ରିଟେନର ବିଦେଶ ମନ୍ତ୍ରୀ ମାଡେଲିନ ଟ୍ରସଙ୍କ ନୂଆଦିଲ୍ଲୀ ଗସ୍ତକାଳରେ ଭାରତର ବିଦେଶ ମନ୍ତ୍ରୀ ଏସ.ଜୟଶଙ୍କର ତାଙ୍କ ବକ୍ତବ୍ୟରେ ଭାରତକୁ ଉପଦେଶ ଦେଉଥିବା ରାଷ୍ଟ୍ରମାନଙ୍କ ଦୋମୁହାଁ ନୀତିକୁ ସମାଲୋଚନା କରିଥିଲେ। ତାଙ୍କ କହିବାନୁଯାୟୀ ଯେଉଁ ଇଉରୋପର ରାଷ୍ଟ୍ରଗୁଡିକ ଭାରତକୁ ରୁଷିଆଠାରୁ ତୈଳକ୍ରୟ ନକରିବା ସପକ୍ଷରେ ବକ୍ତବ୍ୟ ଦେଉଛନ୍ତି ସେମାନେ ରୁଷିଆଠାରୁ ୩୦ପ୍ରତିଶତ ଅଧିକ ତୈଳ କ୍ରୟ କରୁଛନ୍ତି। ଅଥଚ ଭାରତ ନିଜ ଆବଶ୍ୟକର ମାତ୍ର ୧ ପ୍ରତିଶତ ତୈଳ ରୁଷିଆଠାରୁ କ୍ରୟ କରୁଛି। ଏପରିକି ଆମେରିକା ମଧ୍ୟ ରୁଷିଆଠାରୁ ଦୈନିକ ୧ଲକ୍ଷ ବ୍ୟାରେଲ ତୈଳ କ୍ରୟ କରିବାରେ ଲାଗିଛି। ଏହାକୁ ସେ ପୁରୁଣାଦିନର ବାକିଆ ଅର୍ଥ ପାଇଁ ନେଉଛି ବୋଲି କହିଲେ ମଧ୍ୟ ଅନ୍ୟକୁ ଉପଦେଶ ଦେଇ ନିଜର ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି। ଭାରତ-ଆମେରିକା ମଧ୍ୟରେ ୱାସିଂଟନଠାରେ ଅନୁଷ୍ଠିତ ୨+୨ ଆଲୋଚନା ପରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ଭାରତର ବିଦେଶମନ୍ତ୍ରୀ ଏସ. ଜୟଶଙ୍କର ଏ ବିଷୟରେ ଭାରତର ଆଭିମୁଖ୍ୟ ସ୍ପଷ୍ଟକରି ସାମ୍ବାଦିକ-ମାନଙ୍କୁ ଇଉରୋପ ଉପରେ ଧ୍ୟାନ ଦେବାକୁ କହିଥିଲେ। ଇଉରୋପର ରାଷ୍ଟ୍ରଗୁଡିକ ଗୋଟିଏ ଓଳିରେ ରୁଷିଆଠାରୁ ଯେତେ ପେଟ୍ରୋଲ କିଣୁଛନ୍ତି ଭାରତ ମାସକରେ ମଧ୍ୟ ସେତିକି କିଣୁନାହିଁ ବୋଲି ଜୟଶଙ୍କର କହିଥିଲେ। ପୃଥିବୀରେ ତୈଳର ଅଭାବ ସୃଷ୍ଟି କରାଇ ଆମେରିକା ନିଜର ତୈଳ ଭଣ୍ଡାରରେ ରଖିଥିବା ଶସ୍ତାତୈଳକୁ ଏବେ ଅଧିକ ଦରରେ ବିକି ଲାଭ କମାଇବା ଲକ୍ଷ୍ୟରେ ରହିଛି। ଯୁଦ୍ଧ ପରିପ୍ରେକ୍ଷୀରେ ଉପଯୋଗ କରିବାକୁ ଆମେରିକା ୧୯୭୬ ମସିହାରୁ ଲୋଇସିଆନା ଏବଂ ଟେକ୍‌ସାସ୍ ରାଜ୍ୟରେ ସଞ୍ଚିତ କରି ପ୍ରାୟ ୭୧୪ ମିଲିଅନ ବ୍ୟାରେଲ ତୈଳ ରଖିଛି। ୧୯୭୩-୭୪ରେ ଆମେରିକାରେ ତୈଳ ସଙ୍କଟ ସୃଷ୍ଟି ହେବାପରେ ୧୯୭୫ରେ ଏହି ତୈଳ ଭଣ୍ଡାରରେ ତୈଳ ରଖିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ୪ ଡିସେମ୍ବର ୨୦୨୧ର ହିସାବ ଅନୁଯାୟୀ ଏବେ ୮୯୩.୬ ମିଲିଅନ୍ ତୈଳ ଗଚ୍ଛିତ ରହିଥିବା ଜଣାପଡିଛି। ଆମେରିକାରେ ଦୈନିକ ୨୦.୫୪ ମିଲିଅନ୍ ତୈଳ ଉପଯୋଗ ହୋଇଥାଏ। ଏବେ ଏଥିରୁ ଦୈନିକ ମାତ୍ର ୧ ମିଲିଅନ ବ୍ୟାରେଲ ତୈଳ ୧୮୦ ଦିନ ପାଇଁ ବାହାର କରିବାକୁ ଆମେରିକା ଘୋଷଣା କରିଛି। ୨୦୧୯ରେ ଆମେରିକା ଦୈନିକ ୯.୧୪୧ ମିଲିଅନ ବ୍ୟାରେଲ ତୈଳ ବିଦେଶରୁ ଆମଦାନୀ କରୁଥିଲା। ଦୈନିକ ସର୍ବାଧିକ ୪.୪ ମିଲିଅନ ବ୍ୟାରେଲ ତୈଳ ଏହି ଭଣ୍ଡାରରୁ ବାହାର କରିହେବ। ଯଦି ସର୍ବାଧିକ ତୈଳ ବାହାର କରିହେବ ତେବେ ମଧ୍ୟ ଭଣ୍ଡାର ଖାଲି ହେବାକୁ ୧୪୫ ଦିନ ଲାଗିଯିବ। ୨୦୧୫ଠାରୁ କ୍ଷତି ଭରଣା ପାଇଁ କଂଗ୍ରେସ ଏହି ଭଣ୍ଡାରରୁ ତୈଳ ବିକ୍ରି କରି ଆସୁଛି। ଆମେରିକାର ଶକ୍ତି ବିଭାଗ ୨୦୧୭ରୁ ସାତଥରରେ ମୋଟ ୧୩୨ ମିଲିଅନ ବ୍ୟାରେଳ ତୈଳ ଆଜି ମଧ୍ୟରେ ବିକ୍ରି କରିଛି। ୩୧ମାର୍ଚ୍ଚ ୨୦୨୨ଦିନ ରାଷ୍ଟ୍ରପତି ଜୋ ବାଇଡେନ ଏହି ଭଣ୍ଡାରରୁ ଦୈନିକ ୧ ମିଲିଅନ ତୈଳ ବଜାରକୁ ଛାଡିବାକୁ ଘୋଷଣା କରିଥିଲେ। ଆମେରିକାର ସଂସଦରେ ଯେଉଁ ପ୍ରସ୍ତାବ ଗୃହୀତ ହେବାପାଇଁ ରହିଛି ସେଥିରେ ୨୦୨୮ ବେଳକୁ ୨୩୮ ମିଲିଅନ ବ୍ୟାରେଲ ତୈଳ ଗଚ୍ଛିତ ରଖାଯିବାକୁ କୁହାଯାଇଛି। ୧୯୭୫ର ଶକ୍ତି ନୀତି ଓ ସଂରକ୍ଷଣ ଆଇନ (ଇପିସିଏ) ଅନୁଯାୟୀ ତୈଳ ଯୋଗାଣ ସଙ୍କଟର ସମ୍ମୁଖୀନ ହେବାପାଇଁ ଏହି ରଣନୀତିକ ତୈଳ ଭଣ୍ଡାରରେ ତୈଳ ଉପଯୋଗ କରାଯିବା ପାଇଁ ନିୟମ ରହିଛି। ରାଷ୍ଟ୍ରପତିଙ୍କ ଆଦେଶର ୧୩ଦିନ ପରେ ତୈଳ ବଜାରକୁ ଛଡାଯାଇପାରିବ। ୧୯୭୫ରେ ସିନାଇ ମଧ୍ୟବର୍ତ୍ତୀକାଳିନ ବୁଝାମଣା ଇସ୍ରାଏଲ -ଆମେରିକା ମଧ୍ୟରେ ହୋଇଥିଲା। ଏହି ବୁଝାମଣା ଅନୁଯାୟୀ ଇସ୍ରାଏଲକୁ ଜରୁରୀକାଳୀନ ତୈଳ ଯୋଗାଣ ଆମେରିକା କରିବ। ପାଞ୍ଚବର୍ଷ ପାଇଁ ଇସ୍ରାଏଲ ଆମେରିକାଠାରୁ ତୈଳ କ୍ରୟ କରିବ ବୋଲି ବୁଝାମଣାରେ ବ୍ୟବସ୍ଥା ରହିଥିଲା। ପରେ ସେହି ବୁଝାମଣା ୧୯୭୯, ୧୯୯୪, ୨୦୦୪, ୨୦୧୫ରେ ବଢାଯାଇଥିଲା, ଯାହା ୨୦୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ। ଆନ୍ତର୍ଜାତିକ ଶକ୍ତି ଏଜେନ୍ସିର ସଦସ୍ୟ ହୋଇଥିବା ହେତୁ ଆମେରିକା ଆମଦାନୀ କରୁଥିବା ତୈଳର ୯୦ ଦିନ ପାଇଁ ଗଚ୍ଛିତ କରି ରଖିପାରିବା ସୁବିଧା ପାଇଥିଲା। ଆବଶ୍ୟକ ସ୍ଥଳେ ଆନ୍ତର୍ଜାତିକ ଶକ୍ତି ଏଜେନ୍ସିର ସଦସ୍ୟ ଭାବେ ଆମେରିକା ୪୩.୯ ପ୍ରତିଶତ ତୈଳ ବଜାରକୁ ଛାଡିବାକୁ ପ୍ରତିଶ୍ରୁତିବଦ୍ଧ। ଅତୀତରେ ୨୦୦୫ରେ କ୍ୟାଟ୍ରିନା ଝଡ ପାଇଁ ୧୧ମିଲିଅନ ବ୍ୟାରେଲ, ୨୦୦୦ରେ ଉତ୍ତର ପୂର୍ବାଞ୍ଚଳରେ ବିଶୋଧନ ସମସ୍ୟା ଯୋଗୁ ୩୨ ମିଲିଅନ ବ୍ୟାରେଲ, ୧୯୯୬-୯୭ରେ ଅଭାବ ହ୍ରାସ ପାଇଁ ୨୮ ମିଲିଅନ ବ୍ୟାରେଲ, ୧୯୯୦-୯୧ ଯୁଦ୍ଧକାଳରେ ୪୨ ବିଲିଅନ ବ୍ୟାରେଲ, ୧୯୮୫ରେ ପରୀକ୍ଷାମୂଳକ ବିକ୍ରି ପାଇଁ ୧.୧ ମିଲିଅନ ବ୍ୟାରେଲ ତୈଳ ଏହି ଭଣ୍ଡାରରୁ ବାହାର କରାଯାଇଥିଲା। ଆନ୍ତର୍ଜାତିକ ଶକ୍ତି ଏଜେନ୍ସୀର ମାର୍ଚ୍ଚ ୨୦୦୧ ବୁଝାମଣା ଅନୁଯାୟୀ ସମସ୍ତ ୩୦ ସଦସ୍ୟ ପୂର୍ବ ବର୍ଷର ସେମାନଙ୍କ ବ୍ୟବହୃତ ତୈଳର ୯୦ଦିନର ଆବଶ୍ୟକତା ସହ ସମାନ ପରିମାଣର ତୈଳ ଗଚ୍ଛିତ କରି ରଖିପାରିବେ। କେବଳ କାନାଡା, ଡେନମାର୍କ, ମେକ୍‌ସିକୋ, ନରୱେ, ବ୍ରିଟେନ ଏବଂ ଆମେରିକା ଏଥିରୁ ଅଲଗା ରହିଛନ୍ତି। ଇଉରୋପୀୟ ୟୁନିଅନର ସଦସ୍ୟ ରାଷ୍ଟ୍ରଙ୍କ ପାଇଁ ବ୍ରିଟେନ ଏବଂ ଡେନମାର୍କ ନିଜସ୍ୱ ରଣନୀତିକ ତୈଳଭଣ୍ଡାର ନିର୍ମାଣ ପାଇଁ ଯୋଜନା କରିଥିଲେ, ଯାହାକୁ ୨୦୦୮ରେ ସଂଶୋଧନ କରାଯାଇଥିଲା।

ରୁଷିଆଠାରୁ ତୈଳ ଓ ଗ୍ୟାସ କ୍ରୟପାଇଁ ଚୀନର ୟୁଆନକୁ ସ୍ୱୀକାର କରାଯିବା ପରେ ଏବଂ ସାଉଦି ଆରବ ୟୁଆନ ମାଧ୍ୟମରେ ତୈଳ ଦେବାକୁ ରାଜିହେବା ଯୋଗୁ ଚୀନ ନିଜ ମୁଦ୍ରାକୁ ଡଲାର ତୁଳନାରେ ଶକ୍ତିଶାଳୀ କରିବାକୁ ଇସଲାମିକ ରାଷ୍ଟ୍ର ସମୂହ, ଆଫଗାନିସ୍ଥାନ, ପାକିସ୍ଥାନ, ନେପାଳ ସମେତ ଭାରତକୁ ଡଲାର ବଦଳରେ ୟୁଆନ ବ୍ୟବହାର କରିବାକୁ ପରାମର୍ଶ ଦେଉଛି। ଯଦି ଗ୍ୟାସ ଓ ତୈଳକ୍ରୟ କ୍ଷେତ୍ରରେ ୟୁଆନ ବ୍ୟବହାର ବଢେ ତେବେ ଆମେରିକାର ଡଲାରର ବ୍ୟବହାର ହ୍ରାସ ପାଇବ। ସେ ଦୃଷ୍ଟିରୁ ରୁଷିଆର ତୈଳ ଓ ଗ୍ୟାସ କ୍ରୟ କରୁଥିବା ଦେଶଗୁଡିକୁ ୟୁଆନ ବ୍ୟବହାର କରିବା ଲାଗି ଚୀନ ପ୍ରବର୍ତ୍ତାଇବାରେ ଲାଗିପଡିଛି। ତେଣେ ପେଟ୍ରୋଲର ଦର ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ପେଟ୍ରୋଲ ଲିଟର ପିଛା ଦର ଜର୍ମାନୀରେ ଟ୧୬୪.୮୬ ପଇସା, ସ୍ପେନରେ ଟ୧୪୮.୨୨ ପଇସା, ଫ୍ରାନ୍ସରେ ଟ୧୪୫.୯୫ ପଇସା, ବ୍ରିଟେନରେ ଟ୧୬୧.୮୪ ପଇସା, କାନାଡାରେ ଟ୧୧୪.୯୫ ପଇସା ହୋଇଛି। ବିଗତ ଦିନରେ ଆମେରିକା, ବ୍ରିଟେନ, କାନାଡା, ଜର୍ମାନୀ ପରି ଦେଶରେ ପେଟ୍ରୋଲ ଦର ୫୦ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଏପ୍ରିଲ ୨୦୨୧ ମାର୍ଚ୍ଚ -୨୦୨୨ମଧ୍ୟରେ ଗ୍ୟାସୋଲାଇନ ଦର ଆମେରିକାରେ ୫୧ ପ୍ରତିଶତ, ଜର୍ମାନୀରେ ୫୫ପ୍ରତିଶତ, ବ୍ରିଟେନରେ ୫୫ପ୍ରତିଶତ, ଫ୍ରାନ୍ସରେ ୫୦ ପ୍ରତିଶତ, ସ୍ପେନରେ ୫୮ ପ୍ରତିଶତ, କାନାଡାରେ ୫୨ ପ୍ରତିଶତ, ଶ୍ରୀଲଙ୍କାରେ ୫୫ପ୍ରତିଶତ ବୃଦ୍ଧିପାଇଛି।

ଆମେରିକା ପକ୍ଷରୁ ଇଉରୋପର ନାଟୋ ମେଣ୍ଟଭୁକ୍ତ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ରୁଷିଆଠାରୁ ତୈଳ ଓ ଗ୍ୟାସ କ୍ରୟ ନକରିବାକୁ କୁହାଗଲେ ମଧ୍ୟ ସେମାନେ ଆକସ୍ମିକ ତାହା ମାନିନେବା ସ୍ଥିତିରେ ନାହାନ୍ତି। କାରଣ ଇଉରୋପର ୪୦ପ୍ରତିଶତ ଗ୍ୟାସ ରୁଷିଆ ଯୋଗାଇଥାଏ (ଯାହା ଦୈନିକ ୮୮୦ ମିଲିଅନ ୟୁରୋ ମୂଲ୍ୟର)। ରୁଷିଆର ମୁଦ୍ରା ରୁବଲର ମୂଲ୍ୟ ଏବେ ଡଲାର ତୁଳନାରେ ୯୭.୭ ରୁବଲରେ ପହଞ୍ଚିଛି। ତେଣୁ ରୁଷିଆ ସହ ଉତ୍ତମ ସଂପର୍କ ନଥିବା ୩୦ରୁ ଅଧିକ ରାଷ୍ଟ୍ରଙ୍କୁ ରୁବଲରେ ଅର୍ଥ ଦେବା ପାଇଁ ପୁଟିନ କହିବା ପରେ ଇଉରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡିକ ଏବେ ସଙ୍କଟରେ ପଡିଯାଇଛନ୍ତି। ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମୂହ ଏବଂ ରୁଷିଆ ମଧ୍ୟରେ ଏଥିପାଇଁ ଆଲୋଚନା ଆରମ୍ଭ ହୋଇଯାଇଛି। ରୁଷିଆର କମ୍ପାନୀ ଗାଜପ୍ରୋମ୍ ସହ ଓପେକ୍ ରାଷ୍ଟ୍ରଗୁଡିକର (ତୈଳ ଉତ୍ପାଦନକାରୀ) ଆଲୋଚନା ପରେ ଉତ୍ପାଦନ ପରିମାଣ ସ୍ଥିର ହେବ ବୋଲି ଜଣାଯାଇଛି। ହେଲେ ଦୈନିକ ୧ ମିଲିଅନ ବ୍ୟାରେଲ ତୈଳ ବିକ୍ରିର କ୍ଷତି ରୁଷିଆ ସହିବ ବୋଲି ରିଷ୍ଟାଡି ଏନର୍ଜୀ ସୂତ୍ରରୁ ପ୍ରକାଶ।

ତୈଳ ଉତ୍ପାଦନର ହିସାବକୁ ଦେଖିଲେ ୨୦୨୦ରେ ୭କୋଟି ୬୧ଲକ୍ଷ ୨୪ହଜାର ୮୦୦ ବ୍ୟାରେଲ ତୈଳ ଦୈନିକ ଉତ୍ପାଦିତ ହେଉଥିଲା। ସେଥିରୁ ୭୧ପ୍ରତିଶତ ପ୍ରମୁଖ ଦଶଗୋଟି ଦେଶ ଉତ୍ପାଦନ କରୁଥିଲେ। ଅବଶିଷ୍ଟ ୩୬ ପ୍ରତିଶତ ଓପେକ୍‌ର ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକ କରୁଥିଲେ। ଆମେରିକା, ରୁଷିଆ ଓ ସାଉଦି ଆରବ ଏହି ତାଲିକାର ଶୀର୍ଷରେ ଥିବା ପ୍ରମୁଖ ତିନୋଟି ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ୨୦୨୦ ହିସାବ ଅନୁସାରେ ଆମେରିକା ଦୈନିକ ୭୪୪.୭ ମିଲିଅନ ମେଟ୍ରିକଟନ, ରୁଷିଆ ୫୧୨.୮ ମିଲିଅନ ମେଟ୍ରିକ ଟନ, ସାଉଦି ଆରବ ୫୦୦.୭ ମିଲିଅନ ମେଟ୍ରିକ ଟନ ତୈଳ ଉତ୍ପାଦନ କରିଥାନ୍ତି। ହେଲେ ପୃଥିବୀର ପ୍ରମୁଖ ତୈଳ ଗଚ୍ଛିତ ଥିବା ୧୦ ରାଷ୍ଟ୍ର ମଧ୍ୟରୁ ଭେନେଜୁଏଲା, ଇରାନ ଏବଂ ରୁଷିଆ ବିରୋଧରେ ଆମେରିକା କଟକଣା ଲାଗୁକରିବା ଦ୍ୱାରା ଦିନକୁ ଦିନ ତୈଳ ଯୋଗାଣକାରୀ ରାଷ୍ଟ୍ରଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଆମେରିକାର ଏହି ତୈଳ କୂଟନୀତି ଅନ୍ୟମାନଙ୍କ ପାଇଁ କାଳ ହୋଇଛି, ବିଶ୍ୱର ଅର୍ଥନୀତି ପାଇଁ ଧ୍ୱଂସକାରୀ ହୋଇଛି। କିନ୍ତୁ ବର୍ତ୍ତମାନର ଯୁଦ୍ଧ ରାଜନୀତିକୁ ତୈଳ ଯୋଗାଣ ସହ ଯୋଡି ଯେପରି ଶକ୍ତି ସଙ୍କଟ ସୃଷ୍ଟି ପାଇଁ ଷଡଯନ୍ତ୍ର ଚାଲିଛି ତାହା ଅନେକ ଦେଶ ପାଇଁ କ୍ଷତିକାରକ ହେବାକୁ ଆରମ୍ଭ କଲାଣି, ଯାହାର ପରିଣତି ଶ୍ରୀଲଙ୍କା ଏବଂ ପେରୁ ହୋଇଛନ୍ତି। ଏହି ଦୁଇଟି ଦେଶ ଆର୍ଥିକ ଓ ଶକ୍ତିସଙ୍କଟର ସମ୍ମୁଖୀନ ହେବା ଯୋଗୁ ସାଧାରଣ ଲୋକେ ସେଠାରେ ରାଜରାସ୍ତାକୁ ଆସି ଜଳାପୋଡା କରିବାକୁ ପଛାଇନାହାନ୍ତି। ଏପରି ସ୍ଥିତି ଆଗକୁ ଜାରି ରହିଲେ ଅରାଜକତା ବିଶ୍ୱର ଅନେକ ଦେଶକୁ ଗ୍ରାସ କରିବ, ଏଥିରେ କୌଣସି ସନ୍ଦେହ ନାହିଁ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
***ଭୁବନେଶ୍ୱର-୭୫୧୦୦୩***

# ରାମରାଜ୍ୟ

## ଉମାଶଙ୍କର ପ୍ରସାଦ



ଆଧ୍ୟାତ୍ମିକ ଜ୍ଞାନର ଗନ୍ତାଘରଭାବେ ଭାରତଭୂମିକୁ ସମଗ୍ର ବିଶ୍ୱ ମାନୁଅଛି। ଏହି ଭାରତକୁ ଯଦି ବିଶ୍ୱର ବୀଜପୁଂଜ କୁହାଯାଏ, ତେବେ କୌଣସି ଭୁଲ୍ ହେବ ନାହିଁ। କାରଣ ସମସ୍ତ ସଭ୍ୟତା, ସଂସ୍କୃତି, ଭାବ, ଭାଷା, ବ୍ୟବହାର, ରିତ୍ ରିବାଜ, ଚଳିଚଳଣ ଭାରତରେ ପୂର୍ଣ୍ଣ ସୌନ୍ଦର୍ଯ୍ୟତାର ସହ ପ୍ରସ୍ଫୁଟିତ ଓ ପଲ୍ଲବିତ ହୋଇଥାଏ। ତେଣୁ ଭାରତବର୍ଷ ମାତ୍ର ଏକ ଭୂଖଣ୍ଡ ନୁହେଁ ପରନ୍ତୁ ଏହା ବୈଷୟିକ ଚେତନାର ଭାବଖଣ୍ଡ ମଧ୍ୟ ଅଟେ। ସନାତନ ଧର୍ମର ଉଦ୍‌ଘୋଷକମାନେ ଏହି ପବିତ୍ର ଭାରତଭୂମିରେ ଶୈବ, ବୈଷ୍ଣବ ଓ ଶାକ୍ତ ଇତ୍ୟାଦି ମାର୍ଗର ମାର୍ଗଦର୍ଶନ କରିଥାନ୍ତି। ଏହି ପବିତ୍ର ଭାରତଭୂଖଣ୍ଡରେ ହରଙ୍କ ନିର୍ମାଣ, ହରିଙ୍କ କଥା ଓ ଶକ୍ତିର ସାଧନାକୁ ଗୋଟିଏ ଯଜ୍ଞରେ ସମାହିତ କରି ସନାତନ ଧର୍ମର ବିଭିନ୍ନ ଧାରାର ଅମୃତ ଯୋଗର ଅନୁପମ ଉଦାହରଣ ପ୍ରସ୍ତୁତ ହୋଇଅଛି। ଏହି ପବିତ୍ର ଭାରତଭୂମିରେ ଜନ୍ମଲାଭ କରିଥିବା ପ୍ରତ୍ୟେକ ବ୍ୟକ୍ତିର କଣ୍ଠ, କାନ, ନେତ୍ର ଓ ମନ ଶ୍ରୀରାମଙ୍କ ଜୀବନାଚରିତ ସହିତ ଭଲଭାବେ ପରିଚିତ। କାରଣ 'ରାମାୟଣ' ଓ 'ରାମଚରିତ ମାନସ' ଭଳି କାଳଜୟୀ ଗ୍ରନ୍ଥର ପଠନ-ପାଠନ-ଶ୍ରବଣଦ୍ୱାରା ଶ୍ରୀରାମ ଆମର ଚିତ, ଚରିତ୍ର, ଚିନ୍ତନର ଅବିଚ୍ଛେଦ ଅଙ୍ଗଭାବେ ପରିଚିତ। ଏ ପୃଥିବୀର ହଜାର ହଜାର ବର୍ଷ ଧରି ମନୁଷ୍ୟ ନିଜର ଜୀବନକୁ ସୂଚାରୁରୂପେ ସଞ୍ଚାଳିତ କରିବା ପାଇଁ ବିଭିନ୍ନ ଶାସନ ବ୍ୟବସ୍ଥାର ନିର୍ମାଣ କରିଛି। ଏହି ସମଗ୍ର ବିଶ୍ୱରେ ସେହି ପରମ-ଚେତନା 'ରାମ' ଜଗତର ଉତ୍‌ଥାନ ଓ କଲ୍ୟାଣ ପାଇଁ ମନୁଷ୍ୟ ରୂପରେ ଜନ୍ମ ନେଇଥାନ୍ତି। ଏ ସଂସାରରେ କେତେ ସଭ୍ୟତାର ଉତ୍‌ଥାନ, ପତନ ଘଟିଚାଲିଛି, କେତେ ପ୍ରକାରର ଶାସନ, ପ୍ରଶାସନ ପ୍ରଣାଳୀ ତିଆରି ହେଉଛି ଓ ପରିସମାପ୍ତି ମଧ୍ୟ ଘଟୁଛି। ଏ ସମସ୍ତ ସ୍ମୃତି କାଳର ଅନନ୍ତ ଗର୍ଭରେ ଲୀନ ମଧ୍ୟ ହୋଇଯାଉଛି। କିନ୍ତୁ ରାମରାଜ୍ୟରୂପୀ ବ୍ୟବସ୍ଥା ଯାହା ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଙ୍କଦ୍ୱାରା ସ୍ଥାପିତ କରାଯାଇଛି, ତାହା ଆଜି ମଧ୍ୟ ଏକ ଆଦର୍ଶ ବ୍ୟବସ୍ଥାଭାବେ ଆମମାନଙ୍କର ଭାବଭୂମିରେ ବର୍ତ୍ତମାନ ମଧ୍ୟ ବଂଚିରହିଛି। ଆଜି ଜନତାଠାରୁ ନେତା ପର୍ଯ୍ୟନ୍ତ ସମସ୍ତେ ଯେତେବେଳେ ଏକ ବ୍ୟବସ୍ଥିତ, କଲ୍ୟାଣକାରୀ ବ୍ୟବସ୍ଥାର କଳ୍ପନା କରିଥାଉ, ତେବେ ପ୍ରଥମ ଥର ଆମର ମାନସ ପଟରେ ରାମରାଜ୍ୟର ପରିକଳ୍ପନା ଉଙ୍କି ମାରିଥାଏ। ତେଣୁ ରାମରାଜ୍ୟର ପରିକଳ୍ପନା କରିବାକୁ ଯାଇ ଗୋସ୍ୱାମୀ ରାମରାଜ୍ୟ ସମ୍ବନ୍ଧରେ ଲେଖିଛନ୍ତି- "ଦୈହିକ, ଜୈବିକ, ଭୌତିକ ତାପା, ରାମରାଜ ନାହିଁ କାହୁହି ବ୍ୟାପା; ସବନର କରଇ ପରସ୍ପର ପ୍ରୀତି, ଚଲହିଁ ସ୍ୱଧର୍ମ ନିରତ ସ୍ମୃତିନୀତି।" ରାମ ରାଜ୍ୟରେ ଦୈହିକ, ଦୈବିକ ଓ ଭୌତିକ ଏହି ତ୍ରିତାପ ଦେଖାଯାଏ ନାହିଁ। ଯଦିଓ ଏହା ଅବଶ୍ୟମ୍ଭାବୀ, ତଥାପି ଏହାର ଦୁଷ୍ପ୍ରଭାବରୁ ମନୁଷ୍ୟମାନେ ମୁକ୍ତ ରହନ୍ତି। ପ୍ରତ୍ୟେକ ମନୁଷ୍ୟ ପରସ୍ପରକୁ ପ୍ରେମ କରିଥାନ୍ତି ଏବଂ ବେଦର ଉପଦେଶମାନ ନିଜର ଜୀବନରେ ପରିଚାଳିତ କରିଥା'ନ୍ତି।

ଯିଏ ଭାବରେ ଭରପୁର ରତ- ସେ ଭରତ। ରାମରାଜ୍ୟରେ ମା'ର ଆଜ୍ଞା ସର୍ବୋପରି। ଉଚିତ ଅନୁଚିତ ବିଚାର କରିବା ମା'ର ହୋଇଥାଏ। ମା'ର ସଙ୍କଳ୍ପ ଇଚ୍ଛା ଆଦେଶକୁ ପୂର୍ଣ୍ଣ କରିବା ସନ୍ତାନର କର୍ତ୍ତବ୍ୟ। ମା' ସନ୍ତାନର ପ୍ରଥମ ଗୁରୁ। ଯାହା ଆଜିର ସମାଜରେ ଅଭାବ। ମା' ସନ୍ତାନର ପ୍ରଥମ ଗୁରୁ ହୋଇଥିବା ଯୋଗୁଁ ମାତାର ବତାଇବା ମାର୍ଗକୁ ତଥା ଆଦେଶକୁ ପାଳନ କରିବା ସନ୍ତାନରୂପୀ ଶିଷ୍ୟର ପ୍ରଥମ କର୍ତ୍ତବ୍ୟ। ମାତା କୈକେୟୀ



ପୁତ୍ରମାନଙ୍କୁ ଶର ସନ୍ଧାନର ଶିକ୍ଷା ଦେଉଥିବା ସମୟରେ ଭରତ ଏକ ଖେଳନା କପୋତକୁ ଦେଖି ମାତାଙ୍କ ଆଦେଶ ଉଲ୍ଲଂଘନ କରିଥିବା ଯୋଗୁ କ୍ଷମା ମାଗିଥିଲେ ମାତ୍ର ମାତାଙ୍କ ଆଦେଶକୁ ସର୍ବୋପରି ମାନି ପ୍ରଭୁ ରାମ ତୁରନ୍ତ କପୋତକୁ ଶରବିଦ୍ଧ କରିଥିଲେ। କୈକେୟୀ କହିଥିଲେ ହେ ପୁତ୍ର! ମୁଁ ତୁମର ମା' ତୁମକୁ ବାଣର ସନ୍ଧାନ ତଥା ଲକ୍ଷ୍ୟଭେଦ ଶିଖାଉଛି। ମାତ୍ର ବଧ କରିବାର ବିଧାନ ଶିଖାଉନି। ମାତ୍ର ସ୍ମରଣ ରଖିବା କଥା ଯାହା ଆଖିକୁ ଦୃଶ୍ୟମାନ ହୋଇଥାଏ, ସେ ସବୁ ବାସ୍ତବିକତା, ଏହା ମଧ୍ୟ ସତ୍ୟ ଯାହା ବାସ୍ତବିକତା ତାହା ଦୃଶ୍ୟମାନ ହୋଇଥାଏ।

ଅସାରରେ ସାରକୁ ଖୋଜିବା ଏବଂ ସାରରୁ ଅସାରକୁ ଅଲଗା କରିବା ହିଁ ସଂସାର ଅଟେ। ଅସାରରେ ସାରକୁ ଦେଖିବା ପ୍ରେମ ଦୃଷ୍ଟି। ସାରରୁ ଅସାରକୁ ଅଲଗା କରିବା ଜ୍ଞାନଦୃଷ୍ଟି। ହେ ଭରତ! ତୁମର ପ୍ରେମର ହୃଦୟ ତେଣୁ ତୁମକୁ ମୃଣ୍ମୟ ଚିନ୍ମୟ ଦେଖାଗଲା। ଭ୍ରାତା ରାମର ହୃଦୟ ଜ୍ଞାନର ହୃଦୟ ତେଣୁ ତାଙ୍କୁ ଚିନ୍ମୟରେ ଲୁଚି ରହିଥିବା ମୃଣ୍ମୟ ସ୍ପଷ୍ଟ ଦେଖାଗଲା। ରାମଙ୍କୁ ମାତା କୈକେୟୀ ପଚାରିଥିଲେ ପ୍ରେମ ଓ ଜ୍ଞାନଭିତରେ ଅନ୍ତର କ'ଣ? ବିନମ୍ର ଭାବରେ ରାମ କହିଥିଲେ ପୁଷ୍ପ କଢ଼ ଭିତରେ ଥିବା ଅନ୍ତର। ଅବିକଶିତ ଜ୍ଞାନ ପ୍ରେମ ସଦୃଶ, ପୂର୍ଣ୍ଣ ବିକଶିତ ପ୍ରେମ ଜ୍ଞାନ ସଦୃଶ। ଆଜିର ସମାଜରେ ସନ୍ତାନ ନଷ୍ଟ ହେବାର ପ୍ରଥମ କାରଣ ତା'ର ମା'ର ଶିକ୍ଷା, ଯାହା ନ କହିବା ଭଲ। ଧାରଣ, କାରଣ ଓ ତାରଣ ମା'ର ହୋଇଥାଏ। ଆଜି ସମାଜରେ ପ୍ରଥମଟିକୁ ଛାଡିଦେଲେ ଆଉ ଅନ୍ୟ ଦୁଇଟି ଗୁଣ ମାତା ପାଖରେ ଦେଖିବାକୁ ମିଳୁନି। ଯେଉଁ ମାତା ପାଖରେ ଏ ତିନୋଟି ଗୁଣ ପରିସ୍ଫୁଟ ତା'ର ସନ୍ତାନ ଯୋଗ୍ୟ ହୋଇ ସମାଜର, ଦେଶର ଅନେକ କଲ୍ୟାଣ ସାଧିତ କରିଥାଏ।

ରାମରାଜ୍ୟରେ ଧର୍ମର ଚାରିଚରଣ ଯାହା ସତ୍ୟ, ଶୌଚ, ଦୟା ଓ ଦାନ। ଯାହା ଶରୀର ଓ ମନର ବାହ୍ୟ ଓ ଅନ୍ତରର ପବିତ୍ରତାରେ ଥାଏ। ରାମରାଜ୍ୟରେ ସ୍ୱପ୍ନରେ ସୁଦ୍ଧା ପାପ ହୁଏ ନାହିଁ। ସ୍ତ୍ରୀ ଓ ପୁରୁଷ ସମସ୍ତେ ରାମଭକ୍ତିରେ ରତ ହୋଇଥାନ୍ତି। ପ୍ରତ୍ୟେକଙ୍କ ରୋମ ରୋମରେ ରାମ ଭାବ ବିକଶିତ ହୋଇ ସମସ୍ତଙ୍କୁ ପରମଗତି ପ୍ରାପ୍ତି ହୋଇଥାଏ। ରାମ ରାଜ୍ୟରେ କେହି ଦରିଦ୍ର ନା ଦୁଃଖୀ ନା ଦୀନ ହୋଇଥାଏ। ପ୍ରତ୍ୟେକ ମନୁଷ୍ୟ ଅହଙ୍କାରରହିତ ହେବାସହ ଧର୍ମପରାୟଣ ଓ ପୁଣ୍ୟାତ୍ମା ହୋଇଥାନ୍ତି। କାହାର ହୃଦୟକୁ କପଟତା, ଧୂର୍ତ୍ତତା ସ୍ପର୍ଶ କରିପାରେନି। ଏହି ଅନୁପମ କଲ୍ୟାଣକାରୀ ସର୍ବଜନ ହିତାୟ, ସର୍ବଜନ ସୁଖାୟଭଳି ବ୍ୟବସ୍ଥା କୌଣସି ରାଷ୍ଟ୍ରକୁ ମିଳି ନ ଥାଏ। ଯାହା ପୁଣ୍ୟ ଭାରତ ଭୂଖଣ୍ଡରେ ପ୍ରାପ୍ତି ହୋଇଥାଏ। ରାମଙ୍କ ଭଳି ପୁତ୍ର, ମିତ୍ର, ଭ୍ରାତା, ପତି, ପିତା, ସେବକ ଓ ରାମଙ୍କ ଭଳି ରାଜା ଏପରିକି ରାମଙ୍କ ଭଳି ମର୍ଯ୍ୟାଦା ସମ୍ପର୍ଣ୍ଣ ଶତ୍ରୁ ମଧ୍ୟ ମିଳିବା ଦୁର୍ଲ୍ଲଭ। ତେଣୁ ଭାରତ ଭୂଖଣ୍ଡର ପ୍ରତ୍ୟେକ ଶାସକ ରାମରାଜ୍ୟ ପ୍ରତିଷ୍ଠା କରିବା ଆଗରୁ ନିଜର ଚିନ୍ତା, ଚୈତନ୍ୟ, ଆଚାର, ବ୍ୟବହାର, ଶୁଚିତା, ଶୁଦ୍ଧତାକୁ ବଢାଇବା ସହ ଅହଙ୍କାରରହିତ ହୋଇ ସର୍ବଜନ ହିତାୟଭାବ ପ୍ରଦର୍ଶନ କରି ରାମଙ୍କ ଭଳି ଆଦର୍ଶ ମର୍ଯ୍ୟାଦା ସମ୍ପର୍ଣ୍ଣ ଶାସକ ହୋଇପାରିଲେ ସମାଜରେ ଆପେ ଆପେ ରାମରାଜ୍ୟର ଅମଳିନ ପଦ୍ମ ପ୍ରସ୍ଫୁଟିତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ।

*-ସ୍ତମ୍ଭକାର ଓ ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ.ନଂ- ୬୩୭୦୬୭୫୫୬୨*




# ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ପୂର୍ବାଂଚଳ ଜୋନ୍‌ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱର ଠାରେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ପୂର୍ବାଂଚଳ ଜୋନ୍ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ମୁଞ୍ଜପାରା ମହେନ୍ଦ୍ରଭାଇ ଅଧ୍ୟକ୍ଷତା କରିଥିଲେ । ସମ୍ମିଳନୀରେ ପୂର୍ବାଂଚଳ କ୍ଷେତ୍ରର ୫ଟି ରାଜ୍ୟ ସରକାରଙ୍କ ପ୍ରତିନିଧି ଏବଂ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ । ସମ୍ମିଳନୀ ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ମହେନ୍ଦ୍ର ଭାଇ କହିଥିଲେ ଯେ, ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ମାନବ ଓ ସାମାଜିକ ପୁଞ୍ଜି ନିର୍ମାଣ କରିବାର ଆବଶ୍ୟକତା ରହିଛି ଯାହାକି ଉନ୍ନତ ପୋଷଣ, ଲିଙ୍ଗଗତ ସମାନତା, ଉପଯୁକ୍ତ ଶିକ୍ଷା ଏବଂ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଅଧିକାରର ସ୍ତମ୍ଭ ଉପରେ ଆଧାରିତ ହେବା ଉଚିତ୍ । ସେ କହିଥିଲେ ଯେ, ଦେଶର ଜନସଂଖ୍ୟାର ୬୯% ହେଉଛନ୍ତି ମହିଳା ଓ ଶିଶୁ । ସେମାନଙ୍କର କଲ୍ୟାଣ ସୁନିଶ୍ଚିତ କରିବା ଦିଗରେ ସରକାର ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ତିନୋଟି ଅଭିଯାନ କାର୍ଯ୍ୟକାରୀ କରୁଛନ୍ତି – ମିଶନ ପୋଷଣ ଟୁ ପଏଂଟ ଜିରୋ ମାଧ୍ୟମରେ ମହିଳା ଓ ଶିଶୁମାନଙ୍କର ପୁଷ୍ଟିସାଧନ ଆବଶ୍ୟକତା ଉପରେ ଧ୍ୟାନ ଦିଆଯାଇଛି । ଦ୍ୱିତୀୟତଃ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ ସୁରକ୍ଷା, ନିରାପତା ଓ ସଶକ୍ତିକରଣ କରାଯାଉଛି ଏବଂ ତୃତୀୟରେ ମିଶନ ବାତ୍ସଲ୍ୟ ମାଧ୍ୟମରେ ଶିଶୁମାନଙ୍କର କଲ୍ୟାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ସମ୍ମିଳନୀରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ, ମହିଳା ଓ ଶିଶୁମାନଙ୍କ ପୋଷଣରେ ସୁଧାର ଆଣିବା ପାଇଁ ସବୁପିଢ଼ି ମଧ୍ୟରେ ସମୟୋଚିତ ହସ୍ତକ୍ଷେପର ଆବଶ୍ୟକତା ରହିଛି । ଡକ୍ଟର ମୁଞ୍ଜପାରା କହିଥିଲେ ଯେ ପୋଷଣ ଟୁ ପଏଣ୍ଟ ଜିରୋ ମାଧ୍ୟମରେ ଦୀର୍ଘସ୍ଥାୟୀ ସୁସ୍ଥତା, କଲ୍ୟାଣ ଏବଂ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଁ ପୁଷ୍ଟିସାଧନ ସଚେତନତା ଏବଂ ଉତ୍ତମ ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ସ୍ଥାନୀୟ ସହଭାଗିତା ଏବଂ ଉତରଦାୟିତ୍ୱ ଜରିଆରେ ଅଭ୍ୟାସଗତ ପରିବର୍ତ୍ତନ ଆଣିବାକୁ ଆମେ ଲକ୍ଷ୍ୟ ରଖିଛୁ ବୋଲି ସେ କହିଥିଲେ । କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ଆମେ ୧୧.୯୪ ଲକ୍ଷ ଅଭିବୃଦ୍ଧି ନିରୀକ୍ଷଣ ଉପକରଣ ବିତରଣ କରିଛୁ ଏବଂ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ୧୧ ଲକ୍ଷ ତିନି ହଜାର ସ୍ମାର୍ଟ ଫୋନ୍ ? ଯୋଗାଇ ଦିଆଯାଇଛି । ପ୍ରଶାସନିକ ସୁଧାର ଏବଂ ଅପପୁଷ୍ଟିର ଶିକାର ଶିଶୁଙ୍କୁ ଚିହ୍ନଟ ଓ ଚିକିତ୍ସା କରିବା ଲାଗି ଆମେ ପୋଷଣ ଟ୍ରାକର କାର୍ଯ୍ୟକାରୀ କରିଛୁ । କେନ୍ଦ୍ର ମନ୍ତ୍ରୀ ଅନ୍ୟ ଦୁଇଟି ଯୋଜନା ବିଷୟରେ ସୂଚନା ଦେଇ କହିଥିଲେ ଯେ, ବର୍ତ୍ତମାନର ବୈଧାନିକ ସଂସ୍ଥାକୁ ସୁଦୃଢ଼ କରିବା ଏବଂ ଜରୁରିକାଳୀନ ପ୍ରସାର ସେବା ବିତରଣ ଜରିଆରେ ଅସହାୟ ପିଲାମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ମିଶନ ବାତ୍ସଲ୍ୟ ଯୋଜନା କାର୍ଯ୍ୟକାରୀ କରୁଛୁ । ମିଶନ ଶକ୍ତି ଅଧୀନରେ ମହିଳା-କୈନ୍ଦ୍ରିକ ବିକାଶ ପାଇଁ ସରକାରଙ୍କ ସଂକଳ୍ପକୁ ସାକାର କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ଏହି ସମ୍ମିଳନୀରେ ଓଡ଼ିଶାର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଏବଂ ପଶ୍ଚିମବଙ୍ଗର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଡକ୍ଟର ଶଶି ପଞ୍ଜା ଅଂଶଗ୍ରହଣ କରିଥିଲେ । ମହିଳା ଓ ଶିଶୁମାନଙ୍କର କଲ୍ୟାଣ ପାଇଁ ଉଭୟ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ହସ୍ତକ୍ଷେପ ସମ୍ପର୍କରେ ସେମାନେ ସୂଚନା ଦେଇଥିଲେ । କେନ୍ଦ୍ର ସରକାରଙ୍କ ତିନୋଟି ମିଶନର ଉପଯୁକ୍ତ କାର୍ଯ୍ୟକାରିତା ନିମନ୍ତେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେବା ନିମନ୍ତେ ଉଭୟ ଆଶ୍ୱାସନା ଦେଇଥିଲେ । ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ଇନ୍ଦିବର ପାଣ୍ଡେ ଏହି ତିନୋଟି ନୂଆ ମିଶନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟର ବିବରଣୀ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, ୨୦୩୦ ସୁଦ୍ଧା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଅଧୀନରେ କେତେକ ଲକ୍ଷ୍ୟ ହାସଲ ପାଇଁ ଯୋଜନା କରାଯାଇଛି । ଏହି ତିନୋଟି ମିଶନ ଜରିଆରେ ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରାଯାଇ ପାରିବ ଏବଂ ରାଜ୍ୟଗୁଡ଼ିକ ଏଥିରେ ସକ୍ରିୟ ଭାଗିଦାର ରହିବେ । ଏହି ଜୋନ୍ ସ୍ତରୀୟ ସମ୍ମିଳନୀରେ ୫ଟି ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର ଓ ଝାଡ଼ଖଣ୍ଡର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଲକ୍ଷ୍ୟବଦ୍ଧ ହସ୍ତକ୍ଷେପ ଜରିଆରେ ମହିଳା ଓ ଶିଶୁମାନଙ୍କର ବିକାଶ ଓ ସଶକ୍ତିକରଣ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଜି ଆଲୋଚନା ହୋଇଥିଲା ।

# ମଧୁବୈଶ୍ୟ ଗୁଡିଆ ସମାଜ ପକ୍ଷରୁ ସେକ୍ଟର-୪/୫ ଛକରେ ପଣା ବଣ୍ଟନ




ରାଉରକେଲା, (ପି.ଏନ): ମଧୁବନ ଛକ ଠାରେ ରାଉରକେଲା ମଧୁବୈଶ୍ୟ ଗୁଡିଆ ସମାଜ ପକ୍ଷରୁ ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ହନୁମାନ ଜୟନ୍ତୀ, ଆମ୍ବେଦକର ଜୟନ୍ତୀ ଅବସରରେ ଏକ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜର ଉପଦେଷ୍ଟା ତଥା ସମାଜସେବୀ କ୍ଷୀରୋଦ ସାହୁ ଓ ଆର୍‌ଏସ୍‌ପି ସହରସେବା ବିଭାଗର ସହାୟକ ପ୍ରବନ୍ଧକ ହେମନ୍ତ କୁମାର ସାହୁ ଏହି ପଣା ବଣ୍ଟନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ସୁରେନ୍ଦ୍ର କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଭୀମସେନ ସାହୁ, କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଧରଣୀଧର ସାହୁ, କୋଷାଧ୍ୟକ୍ଷ ମନୋରଜ ସାହୁ, ବରିଷ୍ଠ ସଦସ୍ୟ ବିଜୟ ସାହୁ, ଅଭିରାମ ସାହୁ, ଉଦୟନାଥ ସାହୁ, ପ୍ରସନ୍ନ ସାହୁ, ଧର୍ମାନନ୍ଦ ପୃଷ୍ଟି, ସୁଧାଂଶୁ ଶେଖର ପାତ୍ର, ପ୍ରକାଶ ସାହୁ, ଗଦାଧର ସାହୁ, ସନ୍ତୋଷ ସାହୁ, ଗଙ୍ଗାଧର ସାହୁ, କିଶୋର ସାହୁ, ଭୂଷଣ ସେଠୀ, ବେଣୁଧର ବାରିକଙ୍କ ସମେତ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ପଥଚାରୀଙ୍କୁ ଶୀତଳ ପାନୀୟ ଜଳ ସହ ପଣା ବଣ୍ଟନ କରାଯାଇଥିଲା ।

# ରବିଧାନ ନିମନ୍ତେ ୨ ଲକ୍ଷ ୫୭ ହଜାର ୯୫୬ ଜଣ ଚାଷୀଙ୍କ ନାମ ପଂଜୀକୃତ

ଭୁବନେଶ୍ୱର, (ପି.ଏନ): ରାଜ୍ୟର ୧୭ଟି ଜିଲ୍ଲାରେ ଚଳିତ ରବିଧାନ ବିକ୍ରି ନିମନ୍ତେ ମୋଟ ୨ ଲକ୍ଷ ୫୭ ହଜାର ୯୫୬ ଜଣ ଚାଷୀ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କର ନାମ ପଂଜୀକରଣ କରିଛନ୍ତି । ୨୦୨୧ ବର୍ଷର ରବିଧାନ ତୁଳନାରେ ଚଳିତ ବର୍ଷ ଚାଷୀମାନଙ୍କ ନାମ ପଂଜୀକରଣରେ ୧୧ ପ୍ରତିଶତ ବୃଦ୍ଧି ଘଟିଛି । ୨୦୨୧ ରବିଧାନ ସଂଗ୍ରହ ନିମନ୍ତେ ୨ ଲକ୍ଷ ୩୩ ହଜାର ଜଣ ଚାଷୀ ସେମାନଙ୍କ ନାମ ପଂଜୀକରଣ କରିଥିଲେ । ପଂଜୀକୃତ ଚାଷୀମାନେ ଦେଇଥିବା ଜମିଜମାର ରେକର୍ଡ ଓ ବ୍ୟାଙ୍କ ଆକାଉଂଟ, ଧାନଚାଷ କରିଥିବା ପ୍ରକୃତ ଜମି, ଜଳସେଚିତ ଜମିର ପରିମାଣ ଆଦିର ତଥ୍ୟ ଯାଞ୍ଚ ପରେ ଚାଷୀମାନଙ୍କ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ । ୨୦୨୧-୨୨ ବର୍ଷରେ ଖରିଫ୍ ଧାନଚାଷ ଜମିର ଯାଞ୍ଚ ନିମନ୍ତେ ପାଇଲଟ୍ ପ୍ରକଳ୍ପ ଭାବରେ ସାଟେଲାଇଟ୍ ଇମେଜରି ମାଧ୍ୟମରେ କରାଯାଇଥିବା ଯାଞ୍ଚ କାର୍ଯ୍ୟର ସଫଳତାକୁ ଦୃଷ୍ଟିରେ ରଖି ଚଳିତ ରବିଧାନ କରାଯାଇଥିବା ସମସ୍ତ ୧୭ଟି ଜିଲ୍ଲାର ଧାନଚାଷ ଜମିର ଯାଞ୍ଚ ସାଟେଲାଇଟ୍ ଇମେଜରି ମାଧ୍ୟମରେ କରାଯାଉଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଭୁଲ ତଥ୍ୟ ମିଳିଲେ ସଂପୃକ୍ତ ଜମିକୁ ବାଦ ଦିଆଯାଉଛି । ପଂଜୀକରଣ ଓ ନାମ ଯାଞ୍ଚ ହୋଇଥିବା ଚାଷୀମାନେ ହିଁ ଉଦ୍ଦିଷ୍ଟ ମଣ୍ଡିରେ ସେମାନଙ୍କର ରବିଧାନ ବିକ୍ରି କରିପାରିବେ । ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ସଂପୂର୍ଣ୍ଣ ସ୍ୱଚ୍ଛ କରିବା ସହିତ ଚାଷୀମାନେ ଯେପରି ସହଜରେ ଓ ସୁବିଧାରେ ସେମାନଙ୍କର ଧାନ ବିକ୍ରି କରିପାରିବେ ସେଥି ନିମନ୍ତେ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଧାନ ବିକିବାରେ ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ହେଲେ କ୍ଷେତ୍ର ଅଧିକାରୀ ତା'ର ତୁରନ୍ତ ସମାଧାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ୧୭ଟି ଜିଲ୍ଲା ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁରରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରବିଧାନ ସଂଗ୍ରହ କରାଯିବ । ଏହିସବୁ ଜିଲ୍ଲାର ମଣ୍ଡିରେ ଚାଷୀମାନଙ୍କଠାରୁ ପି-ପାସ୍ ଓ ଆଗୁଆ ଟୋକେନ ପ୍ରଦାନ ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନସଂଗ୍ରହ କରାଯିବ । ରବିଧାନ ସଂଗ୍ରହ କାର୍ଯ୍ୟ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ରବିଧାନ ନିମନ୍ତେ ମୋଟ ୨ ଲକ୍ଷ ୫୭ ହଜାର ୯୫୬ ଜଣ ଚାଷୀ ନାମ ପଂଜୀକରଣ କରିଥିବାବେଳେ ଏଥି ମଧ୍ୟରୁ ୯୧ ହଜାର ୫ ଜଣ ଚାଷୀ ନୂତନ ଭାବରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି ଓ ୧ ଲକ୍ଷ ୬୬ ହଜାର ୯୫୧ ଜଣ ଚାଷୀ ସେମାନଙ୍କ ନାମକୁ ନବୀକରଣ କରିଛନ୍ତି । ଚଳିତ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ବରଗଡ଼ ଜିଲ୍ଲାରେ ସର୍ବାଧିକ ୮୧ ହଜାର ୨୮୬ ଜଣ ଚାଷୀ ନାମ ପଂଜୀକରଣ କରିଥିବାବେଳେ ବାଲେଶ୍ୱରରେ ୩୪ ହଜାର ୯୪୧ ଜଣ, ସୁବର୍ଣ୍ଣପୁରରେ ୩୨ ହଜାର ୯୪୬ ଜଣ, କୋରାପୁଟରେ ୧୯ ହଜାର ୩୪୫ ଜଣ, ପୁରୀର ୧୭ ହଜାର ୪୫୫ ଜଣ ଏବଂ କଳାହାଣ୍ଡିର ୧୭ ହଜାର ୩୯୯ ଜଣ ଓ ସମ୍ବଲପୁରରେ ୧୪ ହଜାର ୭୫୯ ଜଣ ଚାଷୀ ନାମ ପଂଜୀକରଣ କରିଛନ୍ତି ।

# ତିନିଦିନିଆ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର,(ପି.ଏନ): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ, ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ଓ ସାଂସ୍କୃତିକ ମହୋତ୍ସବ ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା । ନଗର ଉନ୍ନୟନ, ଆଇନ୍ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟକ ଭାବେ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ତିନିଦିନିଆ ସାଂସ୍କୃତିକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ବକ୍ତାମାନେ ରାଜଧାନୀ ଭୁବନେଶ୍ୱରକୁ ସବୁଜସୁନ୍ଦର ତଥା ସ୍ୱାସ୍ଥ୍ୟପ୍ରଦ ନଗରୀରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ଓ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜଧାନୀ ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କମିଟିର ସାଧାରଣ ସଂପାଦକ ସାମ୍ବାଦିକ ସନତ ମିଶ୍ର ସ୍ୱାଗତ ଭାଷଣ ଦେଇ ଭୁବନେଶ୍ୱରକୁ ଜିଲ୍ଲା ଭାବେ ପରିଣତ କରିବା ପାଇଁ ଦାବି କରିବା ସହିତ ବିଧାନସଭାର ପାଚେରୀରେ ଦୀର୍ଘ ୩୪ବର୍ଷ ଧରି ଲାଗିଥିବା ଶିଳାନ୍ୟାସ ଫଳକକୁ ଅଲଗା କରି ତା'ର ସୌନ୍ଦର୍ଯ୍ୟକରଣ କରିବାକୁ ଦାବି କରିଥିଲେ । କମିଟିର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ବିନୟ ଦାସ ଓ ଲକ୍ଷ୍ମୀକାନ୍ତ ସେଠୀ, ସୂଚନା ଓ ଲୋକସଂପର୍କ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ, ଜିଲ୍ଲା ସୂଚନା ଅଧିକାରୀ ପଠାଣି ରାଉତ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଭୁବନେଶ୍ୱର ଶିକ୍ଷା ଜିଲ୍ଲା ଅଧିକାରୀ ପ୍ରଜ୍ଞା ଜେନା, କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ । ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ପ୍ରାୟ ଅଢେଇ ଘଣ୍ଟା ଧରି ୨୩ଟି ସ୍କୁଲ୍ କଲେଜର ଛାତ୍ରଛାତ୍ରୀମାଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କଲେଜସ୍ତରରେ ହୋଇଥିବା ସାଂସ୍କୃତିକ ପ୍ରତିଯୋଗିତାରେ ବାଳିପାଟଣାସ୍ଥିତ ଶିଶୁ ଅନନ୍ତ ଡିଗ୍ରୀ କଲେଜ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ରାଜା ମଧୁସୂଦନ ନଗର ଡିଗ୍ରୀ କଲେଜ, ପଟିଆ ଦ୍ୱିତୀୟସ୍ଥାନ ଅଧିକାର କରିଥିବା ବେଳେ ମହର୍ଷି କଲେଜ ଅଫ ନେଚୁରରାଲ ଲ ତୃତୀୟସ୍ଥାନ ଅଧିକାର କରିଥିଲା । ହାଇସ୍କୁଲ୍‌ସ୍ତରରେ ହୋଇଥିବା ସାଂସ୍କୃତିକ ପ୍ରତିଯୋଗିତାରେ ୟୁନିଟ୍-୮ ଡ଼ିଏଭି ପବ୍ଲିକ ସ୍କୁଲ, ପ୍ରଥମସ୍ଥାନ, ୟୁନିଟ୍-୪ ସରକାରୀ ବାଳିକା ହାଇସ୍କୁଲ୍ ଦ୍ୱିତୀୟସ୍ଥାନ ଏବଂ ୟୁନିଟ୍-୩ ସେଣ୍ଟ ଯୋଶେଫ ହାଇସ୍କୁଲ୍ ତୃତୀୟସ୍ଥାନ ଅଧିକାର କରିଥିଲେ । ପ୍ରତ୍ୟେକ କୃତି ପ୍ରତିଯୋଗୀମାନଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା । ସେହିପରି ପୂର୍ବାହ୍ନରେ ରାଜଧାନୀ ଶିଳାନ୍ୟାସ ଫଳକ ସମ୍ମୁଖରେ ଅନୁଷ୍ଠିତ ବେସାମରିକ ପ୍ୟାରେଡ଼ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ସ୍କୁଲ୍ କଲେଜର ଛାତ୍ରଛାତ୍ରୀମାନଙ୍କୁ ଏବଂ ପ୍ୟାରେଡ଼ର କମାଣ୍ଡର ଓ ତାଙ୍କର ସହଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏତଦ୍‌ବ୍ୟତୀତ ଓଏସ୍‌ଏପି, ୭ମ ବାଟାଲିୟନର କମାଣ୍ଡାଣ୍ଟ, ସିଆରପିଏଫ୍ କମାଣ୍ଡାଣ୍ଟ ଏବଂ ସୈନିକ ସ୍କୁଲ୍‌ର ବ୍ୟାଣ୍ଡ ମୁଖ୍ୟଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ବିହାର ଅଞ୍ଚଳରେ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠା କରିଥିବା ଏକ ସୌନ୍ଦର୍ଯ୍ୟ ଏବଂ ମନୋରମ ପାର୍କକୁ ପରିଚାଳନା କରିଥିବାରୁ ସମାଜସେବୀ ଭାଗବତ ଦାସଙ୍କୁ ଏହି ଉତ୍ସବରେ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଏବଂ ତାଙ୍କର ସାଥୀ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ବିଶୋଇ, ଗୌରଚନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ଦାସ, ମନୋଜ ମହାନ୍ତି, ପ୍ରଭାସ ରଂଜନ ଦାସ, ସୁଧାଂଶୁ ଶେଖର ମହାନ୍ତି, ଧୀରେନ୍ଦ୍ର କୁମାର ଦାସ ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଭୂତ ରାସନକାର୍ଡଧାରୀଙ୍କ ରାସନ ଖାଉଛି କିଏ ?: ବିଜେପି

ଭୁବନେଶ୍ୱର, (ପି.ଏନ): ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ପ୍ରତ୍ୟେକ ହିତାଧିକାରୀ ମାଗଣା ଖାଦ୍ୟଶସ୍ୟ ପାଉଛନ୍ତି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ୮୦କୋଟି ଓ ଓଡ଼ିଶାର ପ୍ରାୟ ୩.୨୫କୋଟି ଲୋକ ଉପକୃତ ହୋଇଛନ୍ତି । କେବଳ ଓଡ଼ିଶା ପାଇଁ ୧୦ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଖାଦ୍ୟଶସ୍ୟ ବଂଟନ କରାଯାଇଛି । ଦେଶର ୮୦କୋଟି ଲାଭାର୍ଥୀଙ୍କ ପାଇଁ ମୋଟ ୬ଟି ପର୍ଯ୍ୟାୟରେ ୩.୪୦ଲକ୍ଷ କୋଟି ଟଙ୍କା ମୂଲ୍ୟରେ ୧୦୦୩ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଆବଟଂନ କରିଛନ୍ତି । ଏପ୍ରିଲ ମାସ ୨୦୨୨ ମସିହାରୁ ସେପ୍ଟେମ୍ବର ମାସ ୨୦୨୨ ପର୍ଯ୍ୟନ୍ତ ମୋଦି ସରକାର ଏହି ଯୋଜନାର ସମୟ ସୀମା ବୃଦ୍ଧି କରିଛନ୍ତି । ବିଶ୍ୱର ସର୍ବବୃହତ ଖାଦ୍ୟ ସୁରକ୍ଷା ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିଥିବାରୁ ରାଜ୍ୟ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । ଆଜି ରାଜ୍ୟ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ୩କୋଟି ୨୫ଲକ୍ଷ ହିତାଧିକାରୀଙ୍କୁ ଗତ ୨୦୨୦ ମସିହା ମେ ମାସରୁ ୨୦୨୨ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ପ୍ରାୟ ୩୦.୭୭ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଆବଟଂନ କରାଯାଇଛି । ଯାହାର ମୋଟ ଆନୁମାନିକ ମୂଲ୍ୟ ୧୦ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ । ଷଷ୍ଠଥର ପାଇଁ ଯୋଜନା ଅଧୀନରେ ଓଡ଼ିଶାର ପ୍ରାୟ ୩.୨୫କୋଟି ଲୋକ ଉପକୃତ ହେଉଥିବାବେଳେ ଏଥିପାଇଁ ୩,୫୫୦କୋଟି ଟଙ୍କା ବ୍ୟୟବରାଦ ହୋଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡିଶାରେ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡଧାରୀଙ୍କ ମଧ୍ୟରେ ପାର୍ଥକ୍ୟ କାହିଁକି ଦେଖାଦେଉଛି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । କେନ୍ଦ୍ର ସରକାର 'ୱାନ ନେସନ - ୱାନ ରାସନ' ଯୋଜନା ଆରମ୍ଭ କରିଥିବାବେଳେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଲାଗୁ କରିନାହାନ୍ତି କାହିଁକି ? କେନ୍ଦ୍ର ଦେଉଥିବା ରାସନ ଯାଉଛି କୁଆଡ଼େ, ଭୂତ କାର୍ଡଧାରୀଙ୍କ ରାସନ କିଏ ଖାଉଛି, ରାଜ୍ୟରେ କେତେଜଣ ରାସନ କାର୍ଡଧାରୀ ଅଛନ୍ତି ତାହାକୁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ଆଜି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । ଯୋଗ୍ୟ ହିତାଧିକାରୀ ମାନଙ୍କ ରାସନ କାର୍ଡ ତାଲିକା ରାଜ୍ୟ ସରକାର କେନ୍ଦ୍ରକୁ କେବେ ପଠାଇବେ ବୋଲି ଶ୍ରୀ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ମହାମାରୀ ସମୟରେ ଓଡିଶାର କରୋନାର ପ୍ରଥମ ଲହରରେ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପ୍ରାୟ ୯୫ଲକ୍ଷ ୫୧ ହଜାର କାର୍ଡଧାରୀଙ୍କୁ ସରକାର ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବା ପାଇଁ ୩୦ଟି ଜିଲ୍ଲାକୁ ୯୫୫ କୋଟି ୧୬ ଲକ୍ଷ ୯୫ ହଜାର ଟଙ୍କା ଆବଂଟନ କରିଥିଲେ ।

# କଂଗ୍ରେସ ତରଫରୁ ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ରାଉରକେଲା, (ପି.ଏନ): ରାଉରକେଲା ଜିଲ୍ଲା କଂଗ୍ରେସର ଅନୁସୂଚିତ ଜାତି ବିଭାଗ ତରଫରୁ ଆଜି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦେଶର ପ୍ରଥମ ଆଇନ୍ ମନ୍ତ୍ରୀ ତଥା ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ୧୩୧ତମ ଜନ୍ମଜୟନ୍ତୀ ହର୍ଷୋଲ୍ଲାସ ମଧ୍ୟରେ ପାଳନ କରାଯାଇଛି । ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବିନୋଦ ତନ୍ତୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସକାଳ ୯ଟା ବେଳେ ଉଦିତନଗର ସ୍ଥିତ ଆମ୍ବେଦକ ଛକ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ସକାଳ ୧୦ଟା ବେଳେ ଶିଳ୍ପାଞ୍ଚଳର ସେକ୍ଟର-୭/୧୭ ଛକଠାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ ପ୍ରମୁଖ ଉଭୟ ସ୍ଥାନରେ ଉପସ୍ଥିତ ରହି ବାବାସାହେବଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ବାବାସାହେବଙ୍କ ଜୀବନୀ ଏକ ଖୋଲା ବହି ବୋଲି ନେତୃବୃନ୍ଦ ଏହି ଅବସରରେ ପ୍ରକାଶ କରି ଦେଶବାସୀଙ୍କ ହିତ ପାଇଁ ପ୍ରଣୀତ ତାଙ୍କ ସମ୍ବିଧାନ ପ୍ରତି ସମ୍ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ଏହି ସମ୍ବିଧାନର ସୁରକ୍ଷା ପାଇଁ ଆଜିଭଳି ଦିନରେ ସମସ୍ତେ ସଂକଳ୍ପବଦ୍ଧ ହେଲେ ତାହା ତାଙ୍କ ପାଇଁ ବଡ ଶ୍ରଦ୍ଧାଳି ହେବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଓ ତୁଳସୀ ନାଗ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, କୃଷକ କଂଗ୍ରେସ ଅଧ୍ୟକ୍ଷ ମନମୋହନ ଓରାମ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ, ବରିଷ୍ଠ ନେତା ପ୍ରଫୁଲ୍ଲ ସୁନାନୀ, ଭାସ୍କର ଖିଲ୍ଲାର, ରୁକସାନା ବେଗମ, ରେହେମାନ ଖାନ, ସାରଦା ପ୍ରସନ୍ନ ଦାସ, ଇଂ.ବିଶ୍ୱରନ ରାଉତ, ସରୋଜ ନାୟକ, ବିକାଶ ସୁନା, ଶ୍ୟାମ ସାଗର, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବାବାସାହେବଙ୍କୁ ଶ୍ରଦ୍ଧାଳି ଜଣାଇଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି ।

# ବାବାସାହେବ ଡଃ ଆମ୍ବେଦକରଙ୍କ ଜୟନ୍ତୀ ପାଳନ



ଭୁବନେଶ୍ୱର, (ପି.ଏନ) : ସମ୍ବିଧାନ ପ୍ରଣେତା ଭାରତରତ୍ନ ବୋଧିସତ୍ତ୍ୱ ବାବାସାହେବ ଡଃ ଭୀମରାଓ ଆମ୍ବେଦରଙ୍କ ୧୩୧ତମ ଜନ୍ମବାର୍ଷିକ ଭୁବନେଶ୍ୱର ଏ.ଜି. ଛକଠାରେ ଥିବା ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ମହାସମାରୋହରେ ପାଳନ ହୋଇଯାଇଅଛି । ହଜାର ହଜାର ସଂଖ୍ୟାରେ ଆମ୍ବେଦକରଙ୍କ ଅନୁଗାମୀମାନେ ଏକତ୍ରିତ ହୋଇ 'ଆମ୍ବେଦର ଜୟ' ଧ୍ୱନୀରେ ପ୍ରତିମୂର୍ତ୍ତିସ୍ଥଳଟିକୁ ପ୍ରକମ୍ପିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବାହ୍ନ ୭ଟାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମସ୍ତ ରାଜନୈତିକ ଦଳ, ନାଗରିକ ଏକତା ପରିଷଦ, ଭାରତୀୟ ବୌଦ୍ଧ ମହାସଭା, ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି, ସର୍ବଭାରତୀୟ ଅନୁସୂଚିତ ଜାତି ଜନଜାତି ସଂଘମାନଙ୍କର ପରିଷଦ, ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ, ସାମାଜିକ ନ୍ୟାୟ ପରିଷଦ, ନୀଳମାଧବ ଶବର ସଂଘ, ଉତ୍କଳ ରଜକ ମହାସଂଘ, ରାଷ୍ଟ୍ରୀୟ ଦଳିତ ମହାସଭା, ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ, ଦାଣ୍ଡିମାଳ ସେବକ ସଂଘ, କାଳନ୍ଦୀ ସମାଜ, ପାସି ସମାଜ, ଭୋଇ ସମାଜ, ଗଣ୍ଡା ସମାଜ, ଦଳିତ ଜାତିସଂଘ, ଭୀମ ଆର୍ମି ଇତ୍ୟାଦି ବହୁ ସାମାଜିକ, ଆଦିବାସୀ ଓ ଦଳିତ ଅନୁଷ୍ଠାନ ତରଫରୁ ସୁସଜ୍ଜିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧା ସୁମନ ଦେଇ ସମସ୍ତେ ଆମ୍ବେଦକରଙ୍କ ପ୍ରତି ନିଜର ସମ୍ମାନ ପ୍ରଦର୍ଶନ କରିଥିଲେ । ବୁଦ୍ଧମନ୍ଦିରଠାରୁ ଦୁଇଟି ଆମ୍ବେଦକର ରଥ ସହିତ ଏକ ଶୋଭାଯାତ୍ରା ବାହାରି ଆମ୍ବେଦକର ଛକ ନିକଟରେ ପହଞ୍ଚିଥିଲା । ପ୍ରଶାସନ ତରଫରୁ ସେଠାରେ ଶାନ୍ତି ଶୃଙ୍ଖଳାରେ ଉତ୍ସବଟିକୁ ପାଳନ କରିବା ନିମିତ୍ତ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା ।




# ସର୍ବ ସୁଖ-ଧାମ ରାମ ଓ ରାମପ୍ରାଣ ହନୁମାନ



**ଗୋ**ସ୍ୱାମୀ ତୁଳସୀ ଦାସଙ୍କ ରାମ ଚରିତ ମାନସ ହିନ୍ଦୀ ସାହିତ୍ୟର ଉଜ୍ୱଳ ରତ୍ନ। ଶ୍ରୀରାମଙ୍କ ଚରିତଗ୍ରନ୍ଥ ଭାବରେ ଏହାର ଲୋକପ୍ରିୟତା ମଧ୍ୟ ପ୍ରଚୁର। କବି ଭୂଷଣ ସ୍ୱପ୍ନେଶ୍ୱର ଦାଶ ଏହାର ସରଳ ଓଡ଼ିଆ ପଦ୍ୟାନୁବାଦ କରିଛନ୍ତି। ତାହାର 'ବାଳକାଣ୍ଡ'ରେ ବର୍ଣ୍ଣିତ ହୋଇଛି 'ରାମଜନ୍ମ ଓ ବାଳଲୀଳା' ପ୍ରସଙ୍ଗ। ସେଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ନାମକରଣ ସଂପର୍କରେ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା ଅଛି। ବଶିଷ୍ଠମୁନିଙ୍କ ପରାମର୍ଶରେ ଅଯୋଧ୍ୟାର ରାଜା ଦଶରଥ ଋଷ୍ୟଶୃଙ୍ଗ ଋଷିଙ୍କୁ ଅଣାଇ ଏକ ପୁତ୍ରେଷ୍ଟି ଯଜ୍ଞ କରିଥିଲେ ଏବଂ ସେହି ଯଜ୍ଞର ଚରୁ ସେବନ କରି ତାଙ୍କର ତିନି ରାଣୀଙ୍କ ଗର୍ଭରୁ ଚାରି ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ତାହା ସମଗ୍ର ଅଯୋଧ୍ୟାବାସୀଙ୍କୁ ଆନନ୍ଦିତ କରିଥିଲା। ତୁଳସୀ ରାମାୟଣର ବର୍ଣ୍ଣନା ଅନୁସାରେ ମଧୁ ମାସ (ଚୈତ୍ର) ଶୁକ୍ଳପକ୍ଷ ନବମୀ, ଅଭିଜିତ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ ଶ୍ରୀରାମ। ତାଙ୍କର ଜନ୍ମ ସମୟ ଥିଲା ମଧ୍ୟାହ୍ନ। ସେତେବେଳେ ପ୍ରବଳ ଶୀତ ବା ପ୍ରଚଣ୍ଡ ଖରା ନଥିଲା। ମୃଦୁ ସୁଶୀତଳ ମଳୟ ପବନ ବହୁଥିଲା। ଜନ୍ମ ପରେ ଶ୍ରୀରାମ ଚତୁର୍ଭୁଜ ରୂପରେ ଆବିର୍ଭୂତ ହୋଇଥିଲେ। ମାତା କୌଶଲ୍ୟା ହାତ ଯୋଡ଼ି ତାଙ୍କୁ ସ୍ତୁତି ମଧ୍ୟ କରିଥିଲେ। କିନ୍ତୁ ତାପରେ ମାତା ତାଙ୍କୁ ଅନୁରୋଧ କରିଥିଲେ 'ଏ ରୂପ ଛାଡ଼ି ବାଲ୍ୟଲୀଳା କଲେ ମୋର ଅପାର ସୁଖ ଜାତ ହେବ।' ତାହା ଶୁଣି ମାୟାଧର ବିଷ୍ଣୁ ନିଜର ସେହି ରୂପ ଛାଡ଼ି ବାଲ୍ୟରୂପ ଧାରଣ କରିଥିଲେ। ତାହାପରେ ବଶିଷ୍ଠ ମୁନି ରାମ ଓ ଅନ୍ୟ ତିନିଭାଇଙ୍କର ନାମକରଣ କରିଥିଲେ। ସେହି ନାମକରଣ ସମୟରେ ସେ କହିଥିଲେ ପାଟରାଣୀ କୌଶଲ୍ୟାଙ୍କର ଏ ପୁତ୍ର ଆନନ୍ଦ-ସରିତ-ପତି ବା ଆନନ୍ଦର ସମୁଦ୍ର। ଏହାଙ୍କର କୃପା ରୂପକ ଜଳକଣାରେ ତ୍ରିଲୋକବାସୀ ସୁଖୀ ହେବେ। ଏହାଙ୍କର ନାମ ଅଖିଳ ବିଶ୍ୱର ଲୋକଙ୍କୁ ଆରାମ ଦେବ ଏବଂ ତାଙ୍କର ସର୍ବ



ସୁଖର ଧାମ ହେବ। ଏଣୁ ଏହାଙ୍କର ନାମ 'ରାମ'। ସେହିପରି ଅନ୍ୟ ତିନିପୁତ୍ରଙ୍କ ମଧ୍ୟରୁ କୈକେୟୀଙ୍କ ପୁତ୍ରର ନାମକରଣ କରି ସେ କହିଥିଲେ - ଏ ପୁତ୍ର ବିଶ୍ୱର ଭରଣପୋଷଣ କରିବ। ଏଣୁ ଏହାଙ୍କର ନାମ 'ଭରତ'। ଶେଷରେ କନିଷ୍ଠା ରାଣୀ ସୁମିତ୍ରାଙ୍କର ଦୁଇ ଯାଆଁଳା ପୁତ୍ରଙ୍କ ମଧ୍ୟରୁ ପ୍ରଥମର ନାମକରଣ କରି ସେ କହିଥିଲେ- ଏହାଙ୍କର ନାମ ସ୍ମରଣ ମାତ୍ରେ ଶତ୍ରୁକୁଳ ନାଶ ହେବ। ଏଣୁ ଏହାଙ୍କର ନାମ 'ଶତ୍ରୁଘ୍ନ'। ଶେଷରେ ସୁମିତ୍ରାଙ୍କର ଅନ୍ୟ ପୁତ୍ରର ନାମକରଣ କରି ସେ କହିଥିଲେ, ରାମପ୍ରିୟ ଏ ପୁତ୍ର ଜଗତ ଅଧାରଭୂତ ସର୍ବସୁଲକ୍ଷଣ ସଂପନ୍ନ ହେବ ଏଣୁ ଏହାଙ୍କର ନାମ ଲକ୍ଷ୍ମଣ। ଏହିପରି ଭାବରେ ବଶିଷ୍ଠ ମୁନି ଦଶରଥଙ୍କର ଚାରିପୁତ୍ରଙ୍କ ନାମକରଣ, ସେମାନଙ୍କର ଗୁଣ ଅନୁରୂପେ କରିଥିଲେ। ଶ୍ରୀମଦ୍ଭାଗବତ ମହାପୁରାଣ (୧୧/୧୬/୨୯)ରେ ସ୍ୱୟଂ ପରମପୁରୁଷ ଭଗବାନ ନିଜକୁ କିମ୍ପୁରୁଷମାନଙ୍କ ମଧ୍ୟରେ ହନୁମାନ ବୋଲି ଘୋଷଣା କରିଛନ୍ତି - 'ବାସୁଦେବୋ ଭଗବତାଂ ତ୍ୱଂ ତୁ ଭାଗବତେଷ୍ୱହମ୍। କିମ୍ପୁରୁଷାଣାଂ ହନୁମାନ ବିଦ୍ୟାଧ୍ରାଣାଂ ସୁଦର୍ଶନଃ।।' ଅର୍ଥାତ୍ ମୁଁ ଷଡ଼ୈଶ୍ୱର୍ଯ୍ୟଶାଳିଙ୍କ ମଧ୍ୟରେ ବାସୁଦେବ, ପ୍ରେମୀ ଭକ୍ତଙ୍କ ମଧ୍ୟରେ ଉଦ୍ଧବ, ପୁରୁଷେତରମାନଙ୍କ ମଧ୍ୟରେ ହନୁମାନ ଓ ବିଦ୍ୟାଧର ମାନଙ୍କ ମଧ୍ୟରେ ନନ୍ଦଙ୍କ ଚରଣସ୍ପର୍ଶକାରୀ ସୁଦର୍ଶନ। ଏଥିରୁ ଭଗବାନ ଓ ହନୁମାନ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ। ଭକ୍ତ ଓ ଭଗବାନଙ୍କର ଏକତ୍ୱ ସତ୍ତ୍ୱେ ସେମାନଙ୍କର ଦ୍ୱୈତ ଲୀଳା ଅତିବ ହୃଦୟଗ୍ରାହୀ, ଶିକ୍ଷଣୀୟ। ଆନନ୍ଦରାମାୟଣ ଉଲ୍ଲେଖ ଅଛି - 'ଯତ୍ର ଯତ୍ର ରଘୁନାଥକୀର୍ତ୍ତନଂ ତତ୍ର ତତ୍ର କୃତମସ୍ତକାଞ୍ଜଳିମ୍। ବାଷ୍ପବାରିପରି ପୂର୍ଣ୍ଣଲୋଚନଂ ମାରୁତିଂ ନମତ ରାକ୍ଷସାନ୍ତକମ୍।।' ବାଲ୍ମୀକି ରାମାୟଣ (୭/୪୦/୨୩)ରେ ରାମଚନ୍ଦ୍ରଙ୍କ ପ୍ରଶଂସାବାଣୀ ଅତୀବ ଭାବାତ୍ମକ। ଯଥା 'ଏକୈକସ୍ୟୋପକାରସ୍ୟ ପ୍ରାଣାନ୍ ଦାସ୍ୟାମି ତେ କପେ। ଶେଷସ୍ୟେହୋପକାରାଣାଂ ଭବାମ ଋଣିନୋ ବୟମ୍।' ଅର୍ଥାତ୍ ହେ କପି ହନୁମାନ! ତୁମେ ଯେତେ ସବୁ ଉପକାର କରିଛ ସେଥିମଧ୍ୟରୁ ଗୋଟିଏ ଗୋଟିଏ ପାଇଁ ପ୍ରତ୍ୟୁପକାରରେ ମୁଁ ପ୍ରାଣ ସମର୍ପଣ କରିପାରିବି। ମାତ୍ର ତା ପରେ ବି ତୁମ ଉପକାରର ଶେଷ ନଥିବାରୁ ମୁଁ ଚିରକାଳ ଋଣୀ ରହିଯିବି। ଅସରନ୍ତି ଏହି ରାମ ହନୁମାନ କଥାବସ୍ତୁ। ସମର୍ଥ ଭଗବାନ ଓ ସମ୍ପନ୍ନ ଭକ୍ତ ଭାବରେ ଯୁଗେ ଯୁଗେ ପୁରୁଷୋତ୍ତମ ଶ୍ରୀରାମ ଏବଂ ଭକ୍ତରାଜ ଶ୍ରୀହନୁମାନ ଚିରନମସ୍ୟ।

**ତ୍ରିନାଥ ଓଝା,** ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ: ୯୨୩୮୬୦୨୮୨୫

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଶ୍ୱନାଟ୍ୟ ଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ବିଶ୍ୱ ନାଟ୍ୟ ଦିବସ ଅବସରରେ ସାମାଜରେ କିଭଳି କଳା ସଂସ୍କୃତି ବଞ୍ଚି ରହିବ ବାର୍ତ୍ତାବହକ କ୍ଷୁଦ୍ର ନାଟକ "ଜରୁରୀ" ମଞ୍ଚସ୍ଥ ହୋଇଯାଇଛି। ଅନ୍ୱେଷଣ ଥିଏଟର ଗ୍ରୁପ ସବୁବେଳେ ସବୁ ସମୟରେ ସମାଜକୁ ଶିକ୍ଷା ଦେଲାଭଳି କଳାକାରମାନଙ୍କ ଦ୍ୱାରା ନାଟକ ଲୋକ ମାନଙ୍କ ଆଦୃତ ହୋଇ ଆସୁଅଛି। ଅନ୍ୱେଷଣ ସବୁବେଳେ ଯାଜପୁର ନୁହେଁ ସାରା ଓଡ଼ିଶାର ତାହାର କଳାକାରମାନେ ନାଟକ ମାଧ୍ୟମରେ ବିକଶିତ କରିଆସୁଅଛନ୍ତି। ଗତ ମାସ ୨୭ ତାରିଖ ରବିବାର ଅନୁଷ୍ଠାନର କଳାମାନେ ଯାଜପୁରର ସର୍ବପୁରାତନ ବାରୁଣୀ ଘାଟ ଠାରେ ଏକତ୍ରିତ ହୋଇ ଛୋଟ ଛୋଟ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରିବା ସହ ପବିତ୍ର ବାରୁଣୀ ଘାଟକୁ ସଫେଇ କରିଥିଲେ। ତାହାପରେ କଳାକାରମାନେ ସୁ-ସଜ୍ଜିତ ହୋଇ କଳା ସଂସ୍କୃତି କିଭଳି ବଂଚି ରହିବ ତାହା ଉପରେ ଆଧାରିତ କ୍ଷୁଦ୍ର ନାଟକ 'ଜରୁରୀ' ପରିବେଷଣ କରାଯାଇଥିଲା। ଏହି ନାଟକଟି ଯାଜପୁରର ଦର୍ଶକଙ୍କ ଖୁବ୍ ମନୋମୁଗ୍ଧକର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତିଭୂଷଣ ମିଶ୍ର, ଯାଜପୁର ଥାନାର ଆଇଆଇସି ଅଜୟ କୁମାର ଜେନା, ଯାଜପୁର ଉପକାରାଗାରର ଜେଲର ପ୍ରସନ୍ନ କୁମାର ସାହୁ, ସମାଜ ସେବୀ ରବିନ୍ଦ୍ର କୁମାର ପରିଡ଼ା ଯୋଗଦେଇ ଅନୁଷ୍ଠାନ ଏହିପରି ନିଆରା କାର୍ଯ୍ୟକ୍ରମକୁ ଭୁୟସି ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶନ୍ନ କୁମାର ବିଶ୍ୱାଳ, ଉପ-ସଭାପତି ଉପେନ୍ଦ୍ର କୁମାର ଯେନା, ମିଡିଆ ସେଲ୍ ଅଧ୍ୟକ୍ଷ ସୁରେଶ କୁମାର କର, ମୃତ୍ୟୁଞ୍ଜୟ ସାହୁ, ସେକ୍ ସାଜିଦ୍ (ଝନ୍ଦ ବାବୁ), ଆଦିକନ୍ଦ ପଣ୍ଡା, ଗୌତମ ବିକାଶ ମହାନ୍ତି, ଗୋପାଳ ଚନ୍ଦ୍ର ବେହେରା, ଭରତ ଚନ୍ଦ୍ର ହେହେରା, ରତିକାନ୍ତ ସାହୁ, ଧନଞ୍ଜୟ ନାୟକ, ସୁରଜ ପଣ୍ଡା, ମୁକୁନ୍ଦ ନାୟକ, ଅଚ୍ୟୁତାନନ୍ଦ ସ୍ୱାଇଁ, ଜିତେନ୍ଦ୍ର ସାହୁ, ବିଜୟ ମହାରଣା, କାହ୍ନୁ ଚରଣ ପତି (ସଂଗୀତଜ୍ଞ), ସନ୍ତୋଷ କୁମାର ରାଉତ, ଇଚ୍ଛାମୟୀ ଧଳ, ମମତାରାଣୀ ଯେନା, ସ୍ୱାତୀ ପଣ୍ଡା, ସାଗରିକା ପରିଡ଼ା, ମାମାଲି ସାହୁ, ପଲ୍ଲବି ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଆଗାମୀ ଦିନରେ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଇବା ପାଇଁ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ନାଟ୍ୟ ଦିବସରେ ଶପଥ ନେଇଥିଲେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ଏକଦିବସୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ତାଲିମ କର୍ମଶାଳା

ବାଲେଶ୍ୱର (ପିଏନ୍)-ଗ୍ରୀଷ୍ମର ପ୍ରକୋପ ଏବେ ଧୀରେ ଧୀରେ ବଢି ଚାଲିଥିବା ବେଳେ ଗ୍ରୀଷ୍ମପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ତାଲିମ୍ ଗ୍ରହଣ କରିଥିଲେ। ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରା ଠାରୁ ଯଦି କୌଣସି ଦିନ ୪.୫ ରୁ ୬ଡିଗ୍ରୀ ଅଧିକ ତାପମାତ୍ରା



ରୁହେ କିମ୍ବା ୪୫ ଡିଗ୍ରୀ ସେଲସିୟସ୍ ଉପରେ ତାପମାତ୍ରା ରୁହେ, ତେବେ ଆମେ ତାହାକୁ ଗ୍ରୀଷ୍ମ ପ୍ରବାହ ବୋଲି କହିଥାଉ। ଗ୍ରୀଷ୍ମ ପ୍ରବାହ ଯୋଗୁଁ ମନୁଷ୍ୟ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ସହିତ ଗୃହପାଳିତ ପଶୁ ଏବଂ ଚାଷବାସ ଉପରେ ମଧ୍ୟ ଏହାର କୁପ୍ରଭାବ ପଡିଥାଏ। ଅଂଶୁଘାତରେ ଜୀବନହାନୀ ମଧ୍ୟ ହୋଇଥାଏ। ତେଣୁ ଏହାର ସଠିକ୍ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷାପାଇବାର ଉପାୟ ସମ୍ପର୍କରେ ଏହି କର୍ମଶାଳାରେ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା। ବୈଠକରେ ଉପସ୍ଥିତ ତହସିଲଦାର, ବିଡିଓ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସମଗ୍ର ଜିଲ୍ଲାରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଗ୍ରୀଷ୍ମପ୍ରବାହ ମୁକାବିଲା ସମ୍ପର୍କରେ ସୂଚନା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଓସଡାମା'ର "ସତର୍କ" ଆପ୍ ସମ୍ବନ୍ଧରେ କିଭଳି ଅଧିକରୁ ଅଧିକ ଲୋକ ଜାଣିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ସହ ସାମାଜିକ ଗଣମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଏହି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ଅଂଚଳରେ ବଂଟନ ହେବାକୁ ପେନସନ୍ ଓ ଭିନ୍ନକ୍ଷମ ସହାୟକ ଉପକରଣ ପାଇଁ ସମୟ ସାରଣୀରେ ପରିବର୍ତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳାଭାବ ଉପରେ ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ପାନୀୟ ଜଳ ସମସ୍ୟା ପାଇଁ ଜାରି କରାଯାଇଥିବା ହେଲ୍ପ ଲାଇନ୍ ନମ୍ବର – ୧୯୧୬ ସମ୍ପର୍କରେ ଜିଲ୍ଲାର ସମସ୍ତ ଅଂଚଳର ଲୋକ ଓ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନେ ଜାଣିପାରିବେ ସେ ନେଇ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବେ। ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ଜାଗାରେ ବଡମୁହଁ ଥିବା ପାତ୍ର କିମ୍ବା ସେଭଳି ଆକୃତିର ଅନ୍ୟ କୌଣସି ପାତ୍ରରେ ପାନୀୟଜଳ ରଖାଯିବା ବ୍ୟବସ୍ଥା କରାଯିବ। ଅଂଶୁଘାତ ରୋଗୀଙ୍କ ଆଶୁ ଚିକିତ୍ସା ପାଇଁ ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ଓ ଅଂଶୁଘାତରେ ମୃତ୍ୟୁ କ୍ଷେତ୍ରରେ ମିଳିତ ତଦନ୍ତ ରିପୋର୍ଟ ନିଶ୍ଚିତ ଭାବେ ସମୟସୀମା ମଧ୍ୟରେ ଦାଖଲ ହେବ। ବିଦ୍ୟାଳୟମାନଙ୍କର ପାଣିଟାଙ୍କିକୁ ସଫା କରାଯିବା ସହିତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଓଆରଏସ ପ୍ୟାକେଟ୍ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଶ୍ରେଣୀ ସମୟ ପରିବର୍ତନ ସହିତ କୋଭିଡ୍ ଟିକାକରଣ ସମୟକୁ ମଧ୍ୟ ପରିବର୍ତନ କରିବାକୁ ଏଥିରେ କୁହାଯାଇଥିଲା। ଗ୍ରୀଷ୍ମ ଋତୁରେ କୌଣସିପ୍ରକାର ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ପ୍ରସ୍ତୁତ ରହିବେ। ଜିଲ୍ଲାର ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ରେକର୍ଡ ରୁମରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବାରୁ ସେଠାରେ ଯେପରି କୌଣସି କାରଣବଶତଃ ନିଆଁ ନ ଲାଗେ ସେଥିପ୍ରତି ସତର୍କ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏପରିକି ଅଗ୍ନିଶମ ବିଭାଗ ଦ୍ୱାରା ନିଜ ନିଜ କାର୍ଯ୍ୟାଳୟରେ ଆଗୁଆ ଅଗ୍ନି ସୁରକ୍ଷା ଅଡିଟ୍ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ କହିଥିଲେ। ବାଲେଶ୍ୱର ସହର ମଧ୍ୟରେ ପ୍ରଚଣ୍ଡ ଖରାରେ ଟ୍ରାଫିକ୍ ପୋଲିସ୍ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସେମାନଙ୍କୁ ଛତା ଯୋଗାଇଦେବା ସହିତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ କୁହାଯାଇଥିଲା। ବାଟୋଇ ଓ ଯାତ୍ରୀମାନଙ୍କର ତୃଷା ନିବାରଣ ନିମନ୍ତେ ପାନୀୟ ଜଳ ସେବା କେନ୍ଦ୍ର ସ୍ଥାପନ ହେବାକୁ ଥିବା ବେଳେ ଆବଶ୍ୟକତା ଅନୁଯାୟୀ ଏହା ସ୍ଥାପନ କରିବା ଏବଂ ଏହାର ସୁପରିଚାଳନା ସହିତ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଦିନ ୧୧ଟାରୁ ୩ଟା ମଧ୍ୟରେ ଶ୍ରମିକମାନଙ୍କୁ ପ୍ରଚଣ୍ଡ ଖରାରେ କାମ କରିବା ପାଇଁ ବାରଣ କରାଯିବ। ଅଂଶୁଘାତରୁ ରକ୍ଷା ପାଇଁ କଣ କରିବା ଏବଂ କଣ ନ କରିବା ସେ ସମ୍ପର୍କରେ ଅଧିକାରୀମାନଙ୍କୁ ବିଶେଷ ଭାବେ ଏହି ତାଲିମ ଶିବିରରେ ବୁଝାଯାଇଥିଲା ଏବଂ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା। ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ ଜନିତ ସମସ୍ୟା ଏବଂ ଯାତ୍ରୀ ପରିବହନ ପାଇଁ ସମୟ ନିର୍ଦ୍ଧାରଣ ସମ୍ପର୍କରେ ମଧ୍ୟ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା। ତାଲିମ୍ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀକାନ୍ତ ଭୂୟାଁ ପ୍ରୋଜେକ୍ଟର ମାଧ୍ୟମରେ ଗ୍ରୀଷ୍ମପ୍ରବାହ ଓ ଏହାର ପ୍ରଭାବ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ୍ ଗ୍ରୀଷ୍ମପ୍ରବାହ ମୁକାବିଲା ଆକ୍ସନ ପ୍ଲାନ୍ ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏପିଡେମୋଲୋଜିଷ୍ଟ ଡା. ଅରୂପ ଦାସ ଗ୍ରୀଷ୍ମ ପ୍ରବାହ ଜନିତ ମାନସିକ ଓ ଶାରୀରିକ ଚାପ ପରିଚାଳନା ଉପରେ ତଥ୍ୟଭିତିକ ରିପୋର୍ଟ ଉପସ୍ଥାପନ ସହ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ। ୟୁନିସେଫ ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଡ. ପଦ୍ମଜ ପାଲଙ୍କ ଉପନ୍ୟାସ 'ବି. ରାଓ୍ୱତ୍ ରିପୋର୍ଟ' ଲୋକାର୍ପିତ, ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ 'ପଦ୍ମଜ କଥା ସମ୍ମାନ'

ଖୋର୍ଦ୍ଧା (ପିଏନ୍): ଯଶସ୍ୱୀ କଥାକାର ତଥା ଔପନ୍ୟାସିକ ଡ. ପଦ୍ମଜ ପାଲଙ୍କ ୭୬ ତମ ଜନ୍ମଦିନ ଅବସରରେ 'ବି. ରାଓ୍ୱତ୍ ରିପୋର୍ଟ' ନାମକ ଉପନ୍ୟାସ ଉନ୍ମୋଚିତ ହୋଇଯାଇଛି। ଚର୍ଯ୍ୟାୟୁଧ ପକ୍ଷରୁ ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସମେତ ଗାଳ୍ପିକ ଡ. ସୁରେଶ ଛୋଟରାୟ, ଡ. ନଟବର ସାହୁ, ଅଣୁଗଳ୍ପର ସ୍ରଷ୍ଟା ସୁନୀଲ ବୋଷ, ଜ୍ଞାନରଂଜନ ଦାଶ, ଆଶିଷ ରାୟ, ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଡ. ପାଲଙ୍କ ସଦ୍ୟପ୍ରକାଶିତ ଉପନ୍ୟାସର ସଫଳତା କାମନା କରିବା ତାଙ୍କର କାଳଜୟୀ ସୃଷ୍ଟି ଓ ଜୀବନଦର୍ଶନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁବ ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ ଥର ପାଇଁ 'ପଦ୍ମଜ କଥା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର, ଉପଢୌକନ ସହ ୧୦ହଜାର ଅର୍ଥରାଶି ତାଂକୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ 'ଚର୍ଯ୍ୟାୟୁଧ'ର ସମ୍ପାଦିକା ସବିତା ପାଲ ସୂଚନା ଦେଇଥିଲେ ଯେ, ପ୍ରତିବର୍ଷ ଡ. ପାଲଙ୍କ ଜନ୍ମଦିନ ଅବସରରେ ଏହି ସମ୍ମାନ ଜଣେ ନିଷ୍ଠାବାନ ସାହିତ୍ୟିକଙ୍କୁ ପ୍ରଦାନ କରାଯିବ। ଡ. କୈଳାସ ଚନ୍ଦ୍ର ମହାରଣା ଓ ଗାଳ୍ପିକ ତପନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପାଲ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ପ୍ରତ୍ୟେକ ମଣିଷକୁ ଭଲ ପାଇବା ଓ ଜୀବନକୁ ବୁଝିବା ହେଉଛି ସାହିତ୍ୟିକର ଧର୍ମ। ଶେଷରେ କବୟିତ୍ରୀ ପ୍ରିୟଦର୍ଶନୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ପଖାଳ ଦିବସ

ଖୋର୍ଦ୍ଧା (ପିଏନ୍): ପଖାଳ ହେଉଛି ଓଡ଼ିଆ ଅସ୍ମିତାର ପରିଚାୟକ। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। କରୋନା ସମୟରେ ପଖାଳର ରୋଗପ୍ରତିରୋଧକ ଶକ୍ତି ସଂପର୍କରେ ଚର୍ଚ୍ଚା ହୋଇଥିଲା ବୋଲି ପଖାଳ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପରିସରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ସୁଜିତ୍ କୁମାର ବିଷୋୟୀ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସଂପାଦକ ସୁଧୀର କୁମାର ମାନସିଂହ ଓ ମହିଳା ଜାଗରଣ ସଂଗଠିକା ରଶ୍ମୀରେଖା ମହାପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପଖାଳ ଭୋଗ ହେବାର ବ୍ୟବସ୍ଥା ରହିଛି। ଓଡ଼ିଆ ପଖାଳ ଖାଇ ପୁରୀ, କୋଣାର୍କ ମନ୍ଦିର ଗଢିଛି। ପଖାଳ ଏବେ ବିଶ୍ୱସ୍ତରରେ ପରିଚିତ ହେଉଛି। ସଭା ପରେ ପଖାଳ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ସମେତ ଆଇନ ମହାବିଦ୍ୟାଳୟର ଅନ୍ତେବାସିନୀ ଛାତ୍ରୀମାନଙ୍କୁ ଦହି ପଖାଳ, ଭଜା, ଶାଗ, ପାମ୍ପଡ଼, ଶୁଖୁଆ, ଖଟା ଆଦି ପରିବେଷଣ କରାଯାଇଥିଲା। ପଖାଳ ଖାଇବା ପାଇଁ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ମହାବିଦ୍ୟାଳୟ ହଷ୍ଟେଲରୁ ୪୦ଟି ବେଲା ଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ତାରାପ୍ରସାଦ ବଡ଼ଜେନା, ସୁପ୍ରିୟା ବେହେରା, ଉର୍ମିଳା ପରିଡ଼ା, ଜ୍ୟୋତିରଂଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସୌରୀବନ୍ଧୁ କରଙ୍କ ଦ୍ୱିତୀୟ ସ୍ମୃତି ସମାରୋହ

ଭୁବନେଶ୍ୱର,(ପି.ଏନ): ଦେଶର ସର୍ବପ୍ରଥମ ଶ୍ରମିକ ସଙ୍ଗଠନ ଏ.ଆଇ.ଟି.ୟୁ.ସି. ଓଡ଼ିଶା ରାଜ୍ୟ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ସୌରୀବନ୍ଧୁ କରଙ୍କ ଦ୍ୱିତୀୟ ସ୍ମୃତି ସମାରୋହ ୟୁନିଟ୍-୯, ଏ.ଆଇ.ଟି.ୟୁ.ସି. ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସେ ଏକାଧାରରେ ଜଣେ ସୁସଙ୍ଗଠକ, ସାମ୍ୟବାଦୀ ଚିନ୍ତାନାୟକ, ସାହିତ୍ୟିକ, ସମାଜସେବୀ ତଥା ମାନବବାଦୀ ମଣିଷ ଭାବରେ ସମଗ୍ର ଓଡ଼ିଶାରେ ଅନେକ ଖ୍ୟାତି ଅର୍ଜନ କରିଥିଲେ। ଜୀବନର ୩୩ ବର୍ଷ ବ୍ୟାଙ୍କ କର୍ମଚାରୀ ଭାବରେ ଓ ପାଖାପାଖି ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏ.ଆଇ.ଟି.ୟୁ.ସି. ର ନେତୃତ୍ୱ ନେଇଆସୁଥିଲେ। ୨୦୧୭ ମସିହାରେ ତାଙ୍କୁ 'ଶ୍ରମିକ ବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଶା, ଅଙ୍ଗନୱାଡ଼ି, ନିର୍ମାଣ ଶ୍ରମିକ, ବିଡ଼ି ଶ୍ରମିକ, ବିଦ୍ୟୁତ୍ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ ତଥା ସମସ୍ତ ଶ୍ରମିକ ବର୍ଗର ସ୍ୱରକୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଶାଣିତ କରୁଥିଲେ ଶ୍ରମିକ ନେତା ସୌରୀବନ୍ଧୁ କର। ତାଙ୍କ ଦ୍ୱିତୀୟ ସ୍ମୃତି ସଭାରେ ରାଜ୍ୟର ସମସ୍ତ ଟ୍ରେଡ୍ ୟୁନିୟନ୍‌ର ନେତୃତ୍ୱ, ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଯୋଗ ଦେଇଥିଲେ। ଏହି ସଭାରେ ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମିୟ ମହାନ୍ତି ଯୋଗଦେଇ ସମ୍ପ୍ରତି ଭାରତବର୍ଷରେ ଶ୍ରମିକମାନଙ୍କ ସମସ୍ୟା ଓ ସୌରୀବନ୍ଧୁଙ୍କ ଶ୍ରମିକ ଶ୍ରେଣୀ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ହିଁ ଭାରତକୁ ଫାସୀବାଦ କବଳରୁ ରକ୍ଷା କରିପାରିବ ବୋଲି କହିଥିଲେ। ଏଆଇଟିୟୁସିର ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ଏ.ଆଇ.ଟି.ୟୁ.ସି. ର ରାଜ୍ୟ ଉପ-ସାଧାରଣ ସମ୍ପାଦକ ବିଜୟ ଜେନା, ଆଇ.ଏନ୍.ଟି.ୟୁ.ସି. ନେତା କିଶୋର ଜେନା, ଏଚ୍.ଏମ୍.ଏସ୍. ନେତା ସଂଯୁକ୍ତା ମହଲ, ସିଟୁ ନେତା ପୂର୍ଣ୍ଣଚନ୍ଦ୍ର ମାଝୀ, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ରାଜ୍ୟ ସଭାପତି ନିକୁଞ୍ଜ କିଶୋର ମହାନ୍ତି, ଏ.ଆଇ.ଟି.ୟୁ.ସି. ଜିଲ୍ଲା ସଂଯୋଜକ ସୁର ଜେନା, ଏଲ୍.ପି.ଏଫ୍. ନେତା ବିରେନ୍ଦ୍ର ପ୍ରତାପ ଦାସ, ଏ.ଆଇ.ଏସ୍.ଏଫ୍.ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ନମିତା ସାହୁ, ଓଡ଼ିଶା ବିଦ୍ୟୁତ୍ ବୋର୍ଡ଼ କର୍ମଚାରୀ ସଂଘର ସତ୍ୟବାଦୀ ବାଘ, ରେଲୱେ କର୍ମଚାରୀ ସଂଘର ଉମାଚରଣ ସାହୁ, ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ ସମିତିର ଜିଲ୍ଲା ଆବାହକ ମହାବୀର ମିଶ୍ର, ଏ.ଆଇ.ଟି.ୟୁ.ସି. କୋଷାଧ୍ୟକ୍ଷ ସି.ଭି.ଏନ୍ ରାଓ, ବରିଷ୍ଠ ବିଦ୍ୟୁତ୍ କର୍ମଚାରୀ ନେତା ଭ୍ରମରବର ରାଉତ, ଅଙ୍ଗନୱାଡ଼ି କର୍ମୀ ନେତ୍ରୀ ପୁଷ୍ପାଞ୍ଜଳି ଦେଇ, ଶମ୍ଭୁନାଥ ମହାପାତ୍ର, ଶିବ ବେହେରା, କୁନା ବାଲି ପ୍ରମୁଖ ଯୋଗଦେଇ ସୌରୀବନ୍ଧୁ କରଙ୍କ ସ୍ମୃତିଚାରଣ କରିବା ସହ ଶ୍ରମିକ ଶ୍ରେଣୀ ଏକ ହେବା ପାଇଁ ଆହ୍ୱାନ ଦେଇଥିଲେ।

## ମହାବିନାୟକ ଲଘୁ ଖଣିଜ ପରିବହନ ସଂଘ ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ

ଚଣ୍ଡିଖୋଲ, (ପି.ଏନ୍):ପ୍ରଚଣ୍ଡ ରୌଦ୍ରତାପକୁ ଆଖି ଆଗରେ ରଖି ଆଜି ମହାବିନାୟକ ଲଘୁ ଖଣିଜ ପରିବହନ ସଂଘ ପକ୍ଷରୁ ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଜଳଛତ୍ରର ଶୁଭାରମ୍ଭ ହୋଇଛି। ଏହାକୁ ଦର୍ପଣ ତହସିଲଦାର ପ୍ରଦୀପ୍ କୁମାର ସେଠୀ ଉଦଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଚଣ୍ଡିଖୋଲ ଅଗ୍ନୀସମ ଅଧିକାରୀ ପ୍ରଭାକର ସାହୁ ମହାବିନାୟକ ଲଘୁ ଖଣିଜ ପରିବହନ ସଂଘର ସଭାପତି ଅଜାମ୍ବର ସାହୁ, ଉପଦେଷ୍ଟା ଚନ୍ଦନ କୁମାର ନାୟକ, ମୁଖପାତ୍ର ପ୍ରଭାତ କୁମାର ରାଉତ, ରଜନୀକାନ୍ତ କର, ମହେନ୍ଦ୍ର ଦାସ, ମୁଜିବର ରହେମାନ୍ ଖାଁ, ଜଗନ୍ନାଥ ସାମଲ, ଦିପ୍ତୀ ରଂଜନ ସାମଲ, ରଂଜିତ୍ କୁମାର ଜେନା, ଥାନମଲ୍ ଜେନ୍, ଅଶ୍ୱିନୀ ପଣ୍ଡା, ରମାକାନ୍ତ ସାମଲ, ସଂସାରୀ ପାତ୍ର, ଦେବାଶିଷ୍ ଖୁଂଟିଆ, କେଶବ ଚନ୍ଦ୍ର ରାଉତ ପ୍ରମୁଖ ଜଳଛତ୍ର ବଂଟନରେସହଯୋ କରିଥିଲେ। ସଂଘ ପକ୍ଷରୁ ଦୀର୍ଘଦିନ ହେଲା ଚଣ୍ଡିଖୋଲ, ଚଢ଼େଇଧରା ଓ ବାଲିଚନ୍ଦ୍ରପୁର ଠାରେ ଜଳଛତ୍ର କେନ୍ଦ୍ର ଖୋଲାଯାଇ ପଥଚାରୀମାନଙ୍କୁ ଦହି ସର୍ବତ ପ୍ରଦାନ କରାଯାଉଛି। ଆଜିର କାର୍ଯ୍ୟକ୍ରମରେ ଯୋଗଦେଇ ଦର୍ପଣ ତହସିଲଦାର ପ୍ରଦୀପ୍ କୁମାର ସେଠୀ ଏହି ଉଦଘାଟନ କରିବା ସହିତ ସଂଘର ଏତାଦୃଶ୍ୟ କାର୍ଯ୍ୟକୁ ପ୍ରଂସଶା କରିଥିଲେ।

# ଦର୍ପଣ ପଂଚାୟତରେ କଂଗ୍ରେସ କାର୍ଯ୍ୟାଳୟ ଉଦଘାଟିତ



ଚଣ୍ଡିଖୋଲ,(ପି.ଏନ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଦର୍ପଣ ପଂଚାୟତରେ ଆଜି କଂଗ୍ରେସ କାର୍ଯ୍ୟାଳୟକୁ ବଡ଼ଚଣାର କଂଗ୍ରେସ ନେତା ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ ସେଲର ଉପାଧ୍ୟକ୍ଷ କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବଡ଼ଚଣାରେ କଂଗ୍ରେସ ସଂଗଠନକୁ ଦୃଢ଼ିଭୁତ କରି ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ କ୍ୟାପଟେନ୍ ମହାପାତ୍ର ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନେ ସେଠାରେ ବଡ଼ଚଣା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନିରଞ୍ଜନ ସାହୁ, ବଡ଼ଚଣା ବ୍ଲକ୍ କଂଗ୍ରେସ୍ ଉପ ସଭାପତି ପ୍ରଦୀପ୍ତ ମହାନ୍ତି, ସଂଜୀବ ସାମଲ, ମାନସ ପଣ୍ଡା, ରାମଚନ୍ଦ୍ର ଦେହୁରୀ, ସେକ୍ ଅରମାନ୍, ସେକ୍ ସୁରଜ୍,ସେକ୍ ଇମ୍ରାନ୍, ସେକ୍ ସଲ୍ଲାଉଦ୍ଦିନ୍, ମିର୍ଜା ତଇନୁର ବେଗ୍, ସେକ୍ କରାମତ୍ ଉଲ୍ଲା,ସେକ୍ ରଫିକ୍, ବାବର ଖାଁ, ନୂର ବେଗ୍ ପ୍ରମୁଖ ଯୋଗଦେଇ କ୍ୟାପଟେନ୍ ମହାପାତ୍ରଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ। କ୍ୟାପଟେନ୍ ମହାପାତ୍ର ଇଫତାର୍ ପାର୍ଟିରେ ଯୋଗଦେଇ ସମସ୍ତ ମୁସଲମାନ୍ ଭାଇ ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ।

# ବାବା ସାହେବ ଆମ୍ବେଦକରଙ୍କ ୧୩୧ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ




ଚଣ୍ଡିଖୋଲ,(ପି.ଏନ୍): ଓଡ଼ିଶା ମାନବ ଅଧିକାର ମଂଚ ଆନୁକୂଲ୍ୟରେ ଚଣ୍ଡିଖୋଲ ଛକସ୍ଥିତ ରାଜୀବ ଭବନ ପ୍ରେକ୍ଷାଳୟରେ ବାବା ସାହେବ ଆମ୍ବେଦକରଙ୍କ ୧୩୧ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଓଡ଼ିଶା ମାନବ ଅଧିକାର ମଂଚର କାର୍ଯ୍ୟକାରୀ ସଭାପତି ମାଗୁଣୀ ଜେନା ଅଧ୍ୟକ୍ଷତାକରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ ସେଲର ଉପାଧ୍ୟକ୍ଷ କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ମୁଖ୍ୟବକ୍ତା ଭାବେ, ମାନବ ଅଧିକାର ମଂଚର ରାଜ୍ୟ ମୁଖ୍ୟପାତ୍ର ସୁଧାଂଶୁ ଶେଖର ଦେଓ, ସମ୍ମାନୀତ ଅତିଥି ଭାବେ ରାଜ୍ୟ ମହିଳା ସଭାନେତ୍ରୀ ଗୀତାଞ୍ଜଳୀ ମହାନ୍ତ, ବଡ଼ଚଣା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥି ବୃନ୍ଦ ବାବା ସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦ୍ୱୀପ ଉଜ୍ୱଳନ କରିଥିଲେ। ଭାରତ ବର୍ଷର ସ୍ୱାଧିନତା ପରେ ସମ୍ବିଧାନର ପ୍ରଣେତା ଭାବେ ଭି.ଆର ଆମ୍ବେଦକର ଦାୟିତ୍ୱ ବହନ କରିଥିଲେ। ଭାରତ ବର୍ଷର ଗରୀବ ଜନ ସାଧାରଣଙ୍କ ପାଇଁ ସମ୍ବିଧାନରେ ଅନୂସୁଚିତ ଜାତି, ଜନ ଜାତି, ସଂଖ୍ୟା ଲଘୁ ଓ ଅନ୍ୟାନ୍ୟ ଗରୀବ ଜନ ସାଧାରଣମାନଙ୍କ ପାଇଁ ସାମ୍ବିଧାନିକ ଅଧିକାର, ସାମାଜିକ ନ୍ୟାୟ, ଅର୍ଥନୈତିକ ବିକାଶ ପାଇଁ ଲିପିବଦ୍ଧ ରହିଥିଲା। ଆଜି ଏ କେନ୍ଦ୍ର ସରକାର ସେ ସବୁ ଭୁଲି ଧନିକ ଶ୍ରେଣୀର ଲୋକଙ୍କ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରିଛନ୍ତି। ଦେଶରେ ଏମିତି ଏକ ଜନଗୋଷ୍ଠୀ ଅଛନ୍ତି ଆଜି ଦିନରେ ମଧ ଛୁଆଁ, ଅଛୁଆଁ। ଭେଦଭାବ, ଜାତିଗତ ବୈଷମ୍ୟ, ଜାତିଗତ ନିର୍ଯ୍ୟାତନା ଓ ଧର୍ମୀୟ ଘୃଣାର ଶିକାରରେ ଗରୀବ ଜନ ସାଧାରଣ ପଡୁଛନ୍ତି। ଦେଶର ସାମ୍ବିଧାନିକ ଆଇନ୍ ବ୍ୟବସ୍ଥା ଓ ସରକାରୀ କାର୍ଯ୍ୟକ୍ରମ ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉ ନାହିଁ। ରାଜନୈତିକ କ୍ଷମତାହାସଲ ପାଇଁ ନାନା ପ୍ରକାର ଅସାଧୁ ଉପାୟରେ ଜାତି, ଧର୍ମ ଅଧାରରେ ଲୋକମାନଙ୍କୁ ସଂଗଠିତ କରାଯାଇ ରାଷ୍ଟ୍ର ସମ୍ବଳର ଅପବ୍ୟବହାର କରାଯାଇ ଧର୍ମ ଆଧାରିତ ଜାତିଆଣ ଭେଦ ଭାବକୁ ପ୍ରଚାର ପ୍ରସାର କରାଯାଉଛି। ଏହି ସମ୍ବିଧାନ ନୈତିକତା ଓ ନାଗରିକତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏବେ ଗଣତନ୍ତ୍ର, ସମତା, ସ୍ୱତନ୍ତ୍ରତା ପ୍ରସାର ବଦଳରେ ଧର୍ମାନ୍ଧତା, କୁସଂସ୍କାର ଓ ବିଷମତାର ପ୍ରଚାର କରାଯାଉଛି ଏହା ମଣିଷ ସମାଜ ପାଇଁ ବିପଦ ସୃଷ୍ଟି କରିବା ସହ ଶାନ୍ତି ଓ ବିକାଶକୁ ବାଧାକ ସାଜିଛି। ଏହି ଜନ୍ମ ଜୟନ୍ତୀ ଉତ୍ସବରେ ଆମେ ସମସ୍ତେ ଏକଜୁଟ୍ ହୋଇ ଡ଼ଃ ଆମ୍ବେଦକରଙ୍କ ନିତୀ ନିୟମକୁ ବିଶ୍ୱାସ କରି କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ସମସ୍ତ ଅତିଥି ବୃନ୍ଦ ଆହ୍ୱାନ ଦେଇଥିଲେ।

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଲାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ବାଲିଆଗୋଡା ସର୍ଭିସ୍ ରୋଡ୍ ପାଲଟିଛି ମରଣଯନ୍ତା, କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ

କେନ୍ଦୁଝର(ପିଏନ)-କଥାରେ ଅଛି ଦେଲା ପୁଅ ଗେହ୍ଲା ନ ଦେଲା ପୁଅ ମଲା । କିନ୍ତୁ କେନ୍ଦୁଝର ଜିଲ୍ଲା ପାଇଁ ଏହି ଉକ୍ତିଟି ସମ୍ପୂର୍ଣ୍ଣ ବିପରୀତ । ରାଜ୍ୟ ରାଜକୋଷକୁ ସିଂହ ଭାଗର ରାଜସ୍ୱ ଦେଇ ଆସୁଥିବା କେନ୍ଦୁଝର ଜିଲ୍ଲା ସେଦିନ ଅବେହଳିତ ଥିଲା ଆଜି ବି ଅବହେଳିତ ହୋଇ ପଡି ରହିଛି । ଏଠାରେ ନାଁ ଅଛି ବିକାଶ ନାଁ ଅଛି ପ୍ରଗତୀ, ଏଠାରେ ପ୍ରାୟତଃ ସରକାରଙ୍କ ଯୋଜନା ପ୍ରଚାର ପ୍ରସାରରେ ସୀମିତ । ଯାହା କେନ୍ଦୁଝର ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ଅଳ୍ପ କିଛି ଦୂରରେ ଥିବା ବାଲିଆଗୋଡା ସ୍ଥିତ ସର୍ଭିସ୍ ରୋଡ୍‌କୁ ଦେଖିଲେ ସହଜରେ ଜଣା ପଡିଯାଉଛି । କେନ୍ଦୁଝର ଜିଲ୍ଲା ଖଣିଜ ସାମଗ୍ରୀରେ ଭରପୁର ଥିବାରୁ ପ୍ରାୟ ସବୁଦିନ ଏହି ରାସ୍ତା ଦେଇ ଶହ ଶହ ଟ୍ରିପ୍ ଖଣିଜ ସାମଗ୍ରୀ ପରିବହନ ହୋଇଥାଏ । କିନ୍ତୁ ଯେଉଁ ରାସ୍ତା ପାଇଁ ରାଜକୋଷକୁ କୋଟି କୋଟି ଟଙ୍କାର ରାଜସ୍ୱ ଯାଇଥାଏ ସେହି ରାସ୍ତାର ଅବସ୍ଥା ସ୍ୱ ଚକ୍ଷୁରେ ନ ଦେଖିଲେ ବିଶ୍ୱସ ହେବନାହିଁ । ବିଶେଷ କରି ବାଲିଆଗୋଡା ଠାରେ ଥିବା ସର୍ଭିସ ରୋଡ୍‌ରେ ପ୍ରାୟ ୩ଫୁଟର ଖାଲ ହେବା ଫଳରେ ମୋଟରସାଇକେଲ ବି ଆସିବା କଷ୍ଟକର ହୋଇ ପଡିଛି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତା ଦେଇ ସିରିୟସ ରୋଗିଟିଏକୁ ନେଇ ଆସୁଥିବା ଆମ୍ବୁଲାନ୍ସ ଡାକ୍ତରଖାନାରେ ପହଂଚି ନପାରିବା ପ୍ରଶାସନର ପାରିବା ପଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ଏହି ରାସ୍ତା ଦେଇ ଅଟୋ କିମ୍ବା ଚାରି ଚକିଆ ଯାନ ଆସିପାରୁ ନଥିବା ବେଳେ ଭାରୀଯାନ ଜୋର ଜବରସ୍ତ ଆସିବା ଯୋଗୁଁ ରାସ୍ତାର ଖାଲରେ ପଡି ଯାନ୍ତ୍ରୀକ ତ୍ରୁଟି ହେବା ଫଳରେ ଦିନ ଦିନ ଧରି ରାସ୍ତା ଉପରେ ଅଟକି ରହୁଛି । ଫଳରେ ଅନେକ ସମୟରେ ରାସ୍ତା ଜାମ୍ ରହିବା ଯୋଗୁଁ ସାଧାରଣ ଜନତା ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନରେ ହଜାର ହଜାର କୋଟି ଟଙ୍କା ଗଚ୍ଛିତ ଥିବାବେଳେ ସଦର ମହକୁମା ଠାରୁ ମାତ୍ର ୩କି.ମି. ଦୂରରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । କହିବାକୁ ଗଲେ ପ୍ରଶାସନର ଉଦାସିନତା ଯୋଗୁଁ ଏହି ରାସ୍ତା ଏବେ ପାଲଟିଛି ମରଣଯନ୍ତା । କାରଣ ବାରମ୍ବାର ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କିଛିଦିନ ପୂର୍ବରୁ ପ୍ରଶାସନ ତରଫରୁ କିଛି ଚିପ୍ସ ଓ ବଜୁରୀ ରାସ୍ତାରେ ପକାଇ ଦେଇ ନିଜର କର୍ତ୍ତବ୍ୟ ସାରି ଦେଇଥିଲେ । କିନ୍ତୁ ଏହା ୧୫ଦିନ ମଧ୍ୟରେ ଅବସ୍ଥା ପୁଣି ଯଥା ପୂର୍ବଂ ତଥା ପରଂ । ଯଦି କେନ୍ଦୁଝର ମହକୁମାରୁ ଚମ୍ପୁଆ, ଝୁମ୍ପୁରା, ଯୋଡା, ବଡବିଲ ଆଦି ମହତ୍ୱପୂର୍ଣ୍ଣ ଜାଗାକୁ ଯିବା ଆସିବା କରିବାର ମୁଖ୍ୟ ରାସ୍ତାର ଅବସ୍ଥା ଏୟା ତେବେ ଗାଁ ଗହଳି ମାନଙ୍କର ରାସ୍ତାର ଅବସ୍ଥା କଣ ହୋଇଥିବ ସହଜରେ ଅନୁମାନ କରି ହେଉଛି ବୋଲି ଜନସାଧାରଣରେ ଆଲୋଚନା ହେଉଛି ।

# ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବର୍ତ୍ତମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତ୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




Bhubaneswar Friday April 15 ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୧୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସତ୍ୟସାଇ ସେବା ସମିତି ପକ୍ଷରୁ କୋଣାର୍କରେ ପାନୀୟଜଳ ସେବା କେନ୍ଦ୍ର



କୋଣାର୍କ,(ପି.ଏନ): ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ପଥଚାରୀମାନଙ୍କ ତୃଷା ମେଣ୍ଟାଇବା ନିମନ୍ତେ ସତ୍ୟସାଇ ସେବା ସମିତି, କୋଣାର୍କ ପକ୍ଷରୁ ମହାବିଷୁବ ପଣା ସଙ୍କ୍ରାନ୍ତି ଅବସରରେ ଆରମ୍ଭ ହୋଇଛି ପାନୀୟଜଳ ସେବା କେନ୍ଦ୍ର । ଏହି ପାନୀୟଜଳ ସେବା କେନ୍ଦ୍ରକୁ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବିନ୍ଦ୍ରନାଥ ବାହାନିପତି ଓ ରାମଚଣ୍ଡୀ ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ବିଚିତ୍ର କୁମାର ଚୌଧୁରୀ ଉଦଘାଟନ କରିଥିଲେ। ମହାମାରୀ କରୋନା ପାଇଁ ବିଗତ ଦୁଇବର୍ଷ ଧରି ପାନୀୟଜଳ ସେବା କେନ୍ଦ୍ର ହୋଇପାରି ନଥା ବେଳେ ପୂର୍ବବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ କୋଣାର୍କ ଥାନା ଛକଠାରେ ସତ୍ୟସାଇ ସେବା ସମିତି ପକ୍ଷରୁ ଆଜିଠାରୁ ଆରମ୍ଭ ହୋଇଛି ପାନୀୟଜଳ ସେବା କେନ୍ଦ୍ର । ପ୍ରବଳ ଖରାରୁ ପଥଚାରୀମାନଙ୍କ ତୃଷା ମେଣ୍ଟାଇବା ପାଇଁ ଏହି ଜଳଦାନ ଶିବିରରେ ଥଣ୍ଡା ପାଣି, ଦହୀସର୍ବତ, ଲେମ୍ବୁ ପାଣି, ଅଭଡା ତୋରାଣୀ ସୁମିଷ୍ଟ ବେଳପଣା ପଥଚାରୀମାନଙ୍କୁ ସତ୍ୟସାଇ ସେବା ସମିତିର ଆରବିନ୍ଦ ସାହୁ, ବାମଦେବ ଆଲୁକଙ୍କ ସମେତ ସମିତିର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହି ପାନୀୟଜଳ ସେବା କେନ୍ଦ୍ର ପରିଚାଳନା କରୁଛନ୍ତି । ଆଗାମୀ ଦିନମାନଙ୍କରେ କୋଣାର୍କର ବିଭିନ୍ନ ସ୍ଥାନରେ ଜଳଦାନ ଶିବିର ଖୋଲାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହି ଜଳଦାନ ଶିବିର ଦୁଇମାସ ଧରି ଚାଲୁରହିବ ବୋଲି ସତ୍ୟସାଇ ସେବା ସମିତିର ସଂଯୋଜକ ରାମକୃଷ୍ଣ ମହାନ୍ତି ସୂଚନା ଦେଇଛନ୍ତି । ସତ୍ୟସାଇ ସେବା ସମିତିର ସଭ୍ୟସଭ୍ୟାମାନେ ଜଳ ସେବା କେନ୍ଦ୍ରରେ ଉପସ୍ଥିତ ରହି ତୃଷାର୍ତ୍ତ ପଥଚାରିଙ୍କ ତୃଷା ମେଣ୍ଟାଇବା ପାଇଁ ଦହିପଣା, ବେଲପଣା ଓ ଲେମ୍ବୁସର୍ବତ ବଣ୍ଟନ କରୁଛନ୍ତି । ଏତଦ ବ୍ୟତିତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଦାନ ଶିବିର ଆରମ୍ଭ କରା ଯାଇଥବବା ବେଳେ ଗ୍ରାମ ଜଳ ଯୋଗାଣ ବିଭାଗ ପକ୍ଷରୁ କୋଣାର୍କ ବଜାରର ବିଭିନ୍ନ ସ୍ଥାନମାନଙ୍କରେ ପାନୀୟ ଜଳର ଅସ୍ଥାୟୀ ଟାଙ୍କିର ବ୍ୟବସ୍ଥା କରାଯିବା ସହ ଭ୍ରାମ୍ୟମାଣ ଟ୍ୟାଙ୍କି ମାଧ୍ୟମରେ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ପାନୀୟ ଜଳ ଯୋଗାଇ ଦିଆଯାଉଛି ।

# ଜିଲ୍ଲା ବିଜେପିର ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳନ

ଭୁବନେଶ୍ୱର,(ପି.ଏନ): ସମ୍ବିଧାନ ପ୍ରଣୟନ କମିଟିର ମୁଖ୍ୟ, ମହାନ ରାଜନେତା, ଯୁଗଜନ୍ମା, ଭାରତରତ୍ନ ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଆଜି ଜିଲ୍ଲା ବିଜେପି ତରଫରୁ ଖୁବ୍ ହର୍ଷ ? ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏସସି ମୋର୍ଚ୍ଚାର ପୁର୍ବତନ ରାଜ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ ଓ ଏସସି ମୋର୍ଚ୍ଚାର ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ରେମୁଣା ଗୋଲେଇ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କର ବାବା ସାହେବଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ତାଙ୍କ ସ୍ମୃତିଚାରଣ ଓ ରାଷ୍ଟ୍ର ପାଇଁ ବାବା ସାହେବଙ୍କ ଅବଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରାଯାଇଥିଲା।

# ଜୀ ସାର୍ଥକର ନୂଆ ଚଳଚିତ୍ର 'ଦିଦି ନମସ୍କାର'ର ଅଡ଼ିଓ ଲୋକାର୍ପିତ




ଖୋର୍ଦ୍ଧା,(ପି.ଏନ): ଏକ ତାରକା ହୋଟେଲରେ ଜୀ-ସାର୍ଥକର ନୂଆ ଚଳଚିତ୍ର ଦିଦି ନମସ୍କାରର ଅଡ଼ିଓ ଲୋକାର୍ପିତ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ଚଳଚିତ୍ରର ପ୍ରଯୋଜକ ଅଜୟ ରାଉତ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀ, ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ, କାହାଣୀ ଓ ସଂଳାପକାର ଡ଼.ରଜନୀ ରଂଜନ ଉପସ୍ଥିତ ଥିଲେ। ଏହି ଚଳଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନେତ୍ରୀ ଶୀତଳ ପାତ୍ର ନବାଗତ ଶାଶ୍ୱତ, ପିଂଟୁ ନନ୍ଦ, ପ୍ରିୟଙ୍କା ମହାପାତ୍ର, ସୋମା ଭୌମିକ ପ୍ରମୁଖ ଅଭିନୟ କରିଛନ୍ତି। ଦିଦି ନମସ୍କାର ଟାଇଟଲ ଓ ପ୍ରଥମ ଶ୍ରେଣୀ ଗୀତକୁ ସତ୍ୟଜିତ ଓ ଅସିମା ପଣ୍ଡା ଗାଇଥିବା ବେଳେ ମନହନସିନୀ ଗୀତକୁ କୁଲଦିପ ଓ ଅନ୍ତରାଚକ୍ରବର୍ତ୍ତି ଗାଇଛନ୍ତି। ସମସ୍ତ ଗୀତକୁ ଗୀତିକାର ଡ଼.ନିର୍ମଳ ନାୟକ ଲେଖିଛନ୍ତି। ସହଯୋଗୀ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ସ୍ୱସ୍ତିକ। ଚଳଚିତ୍ରଟି ଜୀ-ସାର୍ଥକ ଚ୍ୟାନେଲରେ ଏପ୍ରିଲ ୧୭ ତାରିଖ ସନ୍ଧ୍ୟା ୬.୩୦ମିନିଟରେ ପ୍ରସାରିତ ହେବ ବୋଲି ଜଣାପଡ଼ିଛି।

# ବିକେଏମୟୁ ପକ୍ଷରୁ ଆମ୍ବେଦକର ଜୟନ୍ତୀ




ଭୁବନେଶ୍ୱର, (ପି.ଏନ): ଭାରତୀୟ ସମ୍ବିଧାନର ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଦରକରଙ୍କ ୧୩୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ରାଜଧାନୀରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଭାରତୀୟ କ୍ଷେତମଜଦୁର ୟୁନିୟନ (ସିପିଆଇ ଓ ବିକେଏମ୍ୟୁ) ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଶତାଧିକ ସିପିଆଇ ଓ ବିକେଏମ୍ୟୁ କର୍ମୀ ବାବାସାହେବଙ୍କ ଫଟୋଚିତ୍ର ସମ୍ବଳିତ ପ୍ଲାକାର୍ଡମାନ ହାତରେ ଧରି ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ରାଜମହଲ ଛକ ଅତିକ୍ରମ କରି ଏଜି ଛକଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ମାଲ୍ୟାର୍ପଣ କରିଥିଲେ। ସେଠାରେ ଉପସ୍ଥିତ ନରନାରୀଙ୍କୁ ବିକେଏମ୍ୟୁର ରାଜ୍ୟ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ କହିଲେ ବାବା ସାହେବ ଯେଉଁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ସମ୍ବିଧାନ ଭାରତବର୍ଷ ପାଇଁ ପ୍ରଣୟନ କରିଥିଲେ ତାକୁ ଆଜି ସାମ୍ପ୍ରଦାୟିକ ଶକ୍ତିମାନେ କ୍ଷୁଣ୍ଣ କରିବାକୁ ବସିଛନ୍ତି। କେନ୍ଦ୍ରରେ ଥିବା ବିଜେପି ସରକାର ଭାରତୀୟ ସଂସଦୀୟ ଗଣତନ୍ତ୍ର ଏବଂ ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରି ବିଭିନ୍ନ ସାମ୍ବିଧାନିକ ସଂସ୍ଥାକୁ ବିରୋଧୀ ଦଳମାନଙ୍କ ବିରୁଦ୍ଧରେ ପ୍ରୟୋଗ କରି ଭାରତୀୟ ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାକୁ ବିପନ୍ନ କରୁଛି। ଏଣୁ ବାବାସାହେବଙ୍କ ଜନ୍ମଦିନରେ ଦେଶର ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଗଣତନ୍ତ୍ର ଓ ସମ୍ବିଧାନର ରକ୍ଷା ପାଇଁ ଐକ୍ୟ ହେବା ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ କାର୍ଯ୍ୟକାରୀ କମିଟି ସଭ୍ୟ ଜୟନ୍ତ ଦାସ, ଏଆଇଟିୟୁସିର ଉପସାଧାରଣ ସମ୍ପାଦକ ବିଜୟ ଜେନା, କୈଳାସ ପୁହାଣ, ଛେତମ୍ବର ଭୋଇ, ଅଶୋକ ବାରିକ, ମଙ୍ଗଳା ସେଠୀ, ଶଙ୍କର ବାରିକ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ପଞ୍ଚାନନ ସାହୁ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରଠାରେ ଓଡିଆ ନବବର୍ଷ ପାଳିତ




ଭୁବନେଶ୍ୱର,(ପି.ଏନ): ଓଡିଆ ସଂସ୍କୃତି, ପରମ୍ପରାକୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଉଦ୍ରେକ କରିବା ପରିପ୍ରେକ୍ଷୀରେ ଡି.ଏ.ଭି କଳିଙ୍ଗ ନଗରରେ ଓଡିଆ ନବବର୍ଷ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବୃନ୍ଦାବତୀ ପୁଜା, ପଣାଭୋଗ, ବୃନ୍ଦଗାନ, ନୃତ୍ୟ, ସଂଗୀତତଥା ବକ୍ତୃତା ମାଧ୍ୟମରେ ଦିବସର ତାତ୍ପର୍ଯ୍ୟ ଓ ମହତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ବିପିନ କୁମାର ସାହୁ, ଶ୍ରୀମତୀ ମୀନାକ୍ଷୀ ସାହୁ ଅତିଥି ରୂପେ ଯୋଗଦେଇଥିବା ବେଳେ ବିଦ୍ୟାଳୟର ପର୍ଯ୍ୟବେକ୍ଷକ ଓ ପର୍ଯ୍ୟବେକ୍ଷିକା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ପ୍ରମୁଖ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ଡଃ ବି.ଆର୍. ଆମ୍ବେଦକର ଜୟନ୍ତୀ ପାଳିତ

ବାଲେଶ୍ୱର,(ପି.ଏନ): ଆଜି ପୂର୍ବାହ୍ନ ୯ଘଟିକା ସମୟରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଭାରତରତ୍ନ ବାବାସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ –୨୦୨୨ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଜୟନ୍ତୀ ସମାରୋହ ସଭା ପ୍ରାରମ୍ଭରେ ଡଃ ବି.ଆର୍. ଆମ୍ବେଦକରଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ ଏହି ଜୟନ୍ତୀ ସମାରୋହର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତରତ୍ନ ଡଃ ଆମ୍ବେଦକର ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଥିବା ବେଳେ ତାଙ୍କ ଦର୍ଶନ ଓ ଶିକ୍ଷାକୁ ଆମେ ବାସ୍ତବ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ ଇଚ୍ଛାଶକ୍ତି ଓ ସାମର୍ଥ୍ୟ ବଳରେ ଯେ କୌଣସି ବ୍ୟକ୍ତି ସଫଳତାର ଶୀର୍ଷକୁ ପହଂଚିପାରିବ, ଏହା ଆମ୍ବେଦକରଙ୍କ ଜୀବନୀ ଆମକୁ ଶିକ୍ଷା ଦେଇଛି ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ଏହି ଜୟନ୍ତୀ ସଭାରେ ସଭାପତିତ୍ୱ କରି ଡଃ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଏବଂ ଘଟଣାବହୁଳ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କୁନାଲ ଚୌହାନ ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ବିଭିନ୍ନ ବିଭାଗୀୟ ପଦାଧିକାରୀ, ସଙ୍ଗଠନର କର୍ମକର୍ତା, ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଗୃହରେ ଉପସ୍ଥିତ ଥିଲେ।

# ପିସିସି ପକ୍ଷରୁ ଡ. ବି.ଆର.ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ପାଳିତ



ଭୁବନେଶ୍ୱର,(ପି.ଏନ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ ଠାରେ ଭାରତର ସମ୍ବିଧାନ ପ୍ରଣେତା ଡ. ଭିମରାଓ ରାମଜୀ ଆମ୍ବେଦକରଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃଗଣ ଭୁବନେଶ୍ୱର ଏଜିଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନ ଠାରେ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ସର୍ବଶ୍ରୀ ଜୟଦେବ ଜେନା, ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ଯୁଧିଷ୍ଠୀର ଜେନା, ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ମନୋରନ ଦାଶ, ପଦ୍ମାକର ଗୁରୁ, ସଂଜୟ ମିଶ୍ର, କନକଲତା ମଲ୍ଲିକ, ଜ୍ୟୋତିଷ ସାହୁ, ଲିଙ୍ଗରାଜ ସାହୁ, ସୁବାଷ ପ୍ରଧାନ, ତାପସ ସେଠୀ, ଜମ୍ବେଶ୍ୱର ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ଦେବେନ୍ଦ୍ର ପ୍ରସାଦ ଦାସ, ସୂର୍ଯ୍ୟକାନ୍ତି ବାଗ, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ଉମେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାଳି ଅର୍ପଣ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray